୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.132 Bhubaneswar Friday July 04 2025 ୨୭ତମ ବର୍ଷ ସଂଖ୍ୟା–୧୩୨ ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୦୪, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ଶବରୀ ସାଂସ୍କୃତିକ ପରିଷଦର "ଶବରୀ ଭବନ" ଉଦଘାଟନ ଉତ୍ସବ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଓଡ଼ଆ ଠାରେ କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ "ଶବରୀ ସାଂସ୍କୃତିକ ଭବନ" ଉଦଘାଟନ କରିବା ସହିତ ଏହି ସ୍ୱଳ୍ପ ଗହଣି ସ୍ଥାନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏଥିସହିତ, ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାର ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ, ମୁଖ୍ୟମନ୍ତ୍ରୀ, ଏହି ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ – ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ ବୋଲି କହିବା ସହିତ ଆଦିବାସୀ ଭାଇ ଓ ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହିତ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ।ଆଜିର ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ପଶିନଟୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନ୍ତତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ ଓ ଭଉଣୀମାନେ ଯେତେବେଳେ ଏଠାକୁ ଆସିବେ, ନିଜ ଘର ପରି ଅନୁଭବ କରିବେ। ଆପଣଙ୍କ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏଠାକୁ ଆରମ୍ଭ ହେବ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ରୁହେଁ, ଏହା ହେଉଛି ଏକ ଜୀବନ ଶୈଳୀ, ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହାକୁ ଜୀବିତ ରଖି, ପରିଷ୍କୃତ କରିବା ଦିଗରେ ଶବରୀ ଭବନ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଭୁବନେଶ୍ୱରରେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯାଇଛି। ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେଜର୍ଭ ୬୮ ହଜର ୮୮୧ କୋଟି ଟାଙ୍କର ବିଶେଷ ପ୍ରାବଧାନ କରାଯାଇଛି। ନିୟମିତ କଲ୍ୟାଣକାରୀ ଯୋଜନା ବ୍ୟତୀତ ଏହି ଟଙ୍କା କେବଳ ତାଙ୍କ ପାଇଁ ଖର୍ଚ୍ଚ ହେବ। ଏହା ହେଉଛି ଆମ ସରକାରଙ୍କ ଜନଜାତିଙ୍କ ପାଇଁ ପ୍ରତିବଦ୍ଧତା। ମୁଁ ବିଶ୍ୱାସ କରେ – ଯେଉଁ ସମାଜ ତାଙ୍କର ମୂଳ ଚିହ୍ନକୁ ସମ୍ମାନ କରେ, ସେଇ ସମାଜ ତୀବ୍ର ଗତିରେ ଅଗ୍ରସର ହୁଏ। ଆମ ଆଦିବାସୀ ସମାଜ ଓଡ଼ିଶାର ଗର୍ବ, ଆମ ସଂସ୍କୃତିର ମୂଳ ଆଧାର। ଏହି ସମାଜକୁ ଆଗକୁ ଆଣିବା ପାଇଁ ମୁଁ ଏକ ଆଦିବାସୀ ସନ୍ତାନ ଭାବରେ ମୋ ସର୍ବଶକ୍ତି ଲଗାଇବି।ସେ ପୁଣି କହିଥିଲେ ଯେ, ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ। ସମୃଦ୍ଧ ଓଡିଶା ଗଠନ ଦିଗରେ ମାଇଲ୍‌ଖୁଣ୍ଟ ଭୂମିକା ଗ୍ରହଣ କରିବେ ରାଜ୍ୟର ୨୪ ପ୍ରତିଶତ ଜନଜାତି। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି '୩୬ ପାଇଁ ୩୬'। ରାଜ୍ୟର ଡବଲ ଇଞ୍ଜିନ ସରକାର ଏକ ଡର୍ଘର ସଫଳ ଯାତ୍ରା ପୂରଣ କରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଆଗାମୀ ଦିନରେ ବିକାଶର ଜୟଯାତ୍ରା ଆହୁରି ତ୍ୱରାନ୍ୱିତ ହେବ। ଏହି ବିକାଶ ଯାତ୍ରା ସମ୍ଭବ ହେବ ଯେତେବେଳେ ସରକାର, ଅଧିକାରୀ ଏବଂ ସାଧାରଣ ଜନତାଙ୍କ ଗୋଟିଏ ଲକ୍ଷ୍ୟ ହେବ, 'କେବଳ ରାଜ୍ୟର ବିକାଶ'। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମ ସରକାର କେବଳ ଅଭିଭକ୍ତ ନୁହେଁ, ସାରା ରାଜ୍ୟକୁ ସମଭୁକ ଭାବେ ବିକାଶ କରିବା ପାଇଁ ବଦ୍ଧପରିକର। ଏହି ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ, ଓ ନୂଆ ପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେଯେ, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡିଶା ବିକାଶ ପରିଷଦ ପାଇଁ ଟାସ୍କ ଫୋର୍ସ ଗଠନ କରି ୨୦୦ କୋଟି କୋଷାଏଁ ଅନୁଦାନ ପ୍ରଦାନ କରିଛନ୍ତି। ଏଥିସ୍ତୁ, ଦକ୍ଷିଣ ଓଡିଶା, ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶର ଗତି ତ୍ୱରତର ହେବ ଏବଂ ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁ ଦାୟିତ୍ୱ ରହିବ। ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପା ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଝି, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ ଜଦ୍ରୁ ଅପଲସ୍ୱାମା, ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ମଂଚାସୀନ ଥିଲେ। ଜୟପୁର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତି ଏହି ଉଦ୍ଯାପନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଶବରୀ ସାଂସ୍କୃତିକ ପରିଷଦର ଉପ ସଭାପତି ଗୋଦାବରୀ ମଝାଯାନ୍ତ ଧନ୍ୟବାଦ ଦେଇଥିଲେ।

ଶୀଘ୍ର ପ୍ରଦାନ କରାଯିବ ବନ୍ୟା କ୍ଷତିପୂରଣ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର: ଦିନେ ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡିବ । ବୁଢାବଙ୍ଗ ଓ ସୁବର୍ଣ୍ଣରେଖା ବିପଦ ସଂକେତ ତଳେ ରହିଛି। ପାଣି ଆଉ ବଢୁନି। ଜଳ ନିଷ୍କାସନରେ ସମୟ ଲାଗୁଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବୈତରଣୀ ବନ୍ୟା ପ୍ରଭାବରେ ଗୁଡିଏ ପଞ୍ଚାୟତ ପାଣି ଘେରରେ ଥିଲା। କେନ୍ଦୁଝରଜିଲ୍ଲା ଆଂଶିକ ପ୍ରଭାବିତ ହୋଇଛି। ଯେଉଁମାନେ ରିଲିଫ ସେଣ୍ଟରରେ ଅଛନ୍ତି, ସେମାନଙ୍କ ପାଇଁ ୭ ଦିନ ରନ୍ଧା ଖାଦ୍ୟ ବ୍ୟବସ୍ଥା ହୋଇଛି ଆବଶ୍ୟକ ପଡିଲେ ସମୟ ସୀମା ବଢ଼ାଯିବ। କ୍ଷୟକ୍ଷତି ଆକଳନ ଆରମ୍ଭ ହେଇଛି। ପାଣି ଛାଡ଼ିବା ପରେ ଘର କ୍ଷୟକ୍ଷତି ରିପୋର୍ଟ ଆସିବ। ଯେତେ ଶୀଘ୍ର ହୋଇ ପାରିବ କ୍ଷତିପୂରଣ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ବଦଳିଲା ମୌସୁମୀ ଅଧିବେଶନ ତାରିଖ

ଜୁଲାଇ ୨୧ରୁ ଅଗଷ୍ଟ ୨୧ ଯାଏଁ ଚାଲିବ ସଂସଦ

ନୂଆଦିଲ୍ଲୀ: ବଦଳିଲା ସଂସଦର ମୌସୁମୀ ଅଧିବେଶନ ତାରିଖ । ସ୍ୱାଧୀନତା ଦିବସ ଥିବାରୁ ବଦଳିଲା ଅଧିବେଶନର ତାରିଖ । ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ୧୩ ଏବଂ ୧୪ ତାରିଖରେ କୌଣସି ବୈଠକ ବସିପାରିବ ନାହିଁ । ତେଣୁ ଜୁଲାଇ ୨୧ରୁ ଅଗଷ୍ଟ ୧୨ ଭିତରେ ବସିବାକୁ ଥିବା ସଂସଦର ମୌସୁମୀ ଅଧିବେଶନ ଏବେ ଜୁଲାଇ ୨୧ରୁ ଅଗଷ୍ଟ ୨୧ ତାରିଖ ଯାଏଁ ଚାଲିବ ବୋଲି ଏଥରେ ପୋଷ୍ଟ କରି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ।ସଧାରଣତଃ ସଂସଦର ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ ଅର୍ଥାତ ଅଗଷ୍ଟ ୧୫ ତାରିଖ ପୂର୍ବରୁ ଶେଷ ହୋଇଯାଇଥାଏ । ହେଲେ ଏଥର କିଛୁ ମୌସୁମୀ ଅଧିବେଶନ ଅଗଷ୍ଟ ୧୫ ତାରିଖ ପରେ ମଧ୍ୟ ଚାଲିବ । କେନ୍ଦ୍ରମନ୍ତ୍ରୀ ରିଜିଜୁଙ୍କ କହିବା ମୁତାବକ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମୌସୁମୀ ଅଧିବେଶନର ଏହି ନୂଆ ତାରିଖକୁ ମଞ୍ଜୁରୀ ଦେଇଛନ୍ତି । ଯାହାକି ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୨୧ ତାରିଖ ଯାଏଁ ଚାଲିବ । ଯେଉଁଥିରେ କି ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ସକାଳ ୧୧ଟାରୁ ଆରମ୍ଭ ହେବ ।ତେବେ ଏଥର ସଭାଗରମ ରହିପାରେ ସଂସଦର ମୌସୁମୀ ଅଧିବେଶନ । ପହଲଗାମ୍ ଆକ୍ରମଣ ପରେ ଅପରେସନ ସିନ୍ଦୂ ଯାଏଁ, ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରୁ ଦିଲ୍ଲୀ ରାସ୍ତାରୁ ୬୨ ଲକ୍ଷ ପୁରୁଣା ଗାଡ଼ି ହଟାଇବା ପ୍ରସଙ୍ଗ ବି ଉଠିପାରେ ଯାହାକୁ ନେଇ ଗୃହ ସରଗରମ ରହିବ ବୋଲି କୁହାଯାଉଛି ।

ଲାଭ ନୁହେଁ ସେବା ଆଶାରେ କାମ କରିବ ସମବାୟ ସମିତି: ମନ୍ତ୍ରୀ

ଭୁବନେଶ୍ୱର: କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ସହ ସବୁ ରାଜ୍ୟର ସମବାୟ ମନ୍ତ୍ରୀଙ୍କ ବୈଠକ ହୋଇଛି। ଜାତୀୟ ସ୍ତରରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରୁ ସମବାୟ ମନ୍ତ୍ରୀ ପ୍ରତାପ ଜଳସାମନ୍ତ ଯୋଗ ଦେଇଥିଲେ। ଦିଲ୍ଲୀରେ ଆୟୋଜିତ ମନ୍ଥନ ବୈଠକରେ ସମବାୟ ସମିତି ଉନ୍ନତି ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା ବୋଲି ଶ୍ରୀ ଜଳସାମନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ଜାନୁଆରି ୩୧ ସୁଦ୍ଧା ସମବାୟ ପଲିସି ଆସିବ ବୋଲି ସେ କହିଛନ୍ତି। ଆସନ୍ତା ମାସରେ ପ୍ରତି ରାଜ୍ୟରେ ବୈଠକ ବସି କାର୍ଯ୍ୟକ୍ରମକୁ କ୍ରିୟାଶୀଳ ପାଇଁ ଅମିତ ଶାହଙ୍କ ନିର୍ଦ୍ଦେଶ ହୋଇଛି। ରୋଜଙ୍କ ପଖରେ ପଂହଁଚିବ ସମବାୟ। ଏଥିସହ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା ହେବ ବ୍ୟାଙ୍କ। ଚାଷୀ ୩ ଲକ୍ଷ ଋଣ ନେଲେ ବାର୍ଷିକ ପୁର ପ୍ରତିଶତ ସୁଧ ଦେବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ଋଣ ୫ ଲକ୍ଷ କରିବେ ସରକାର। କେତେ ପ୍ରତିଶତ ସୁଦ୍ଧ ରହିବ ସେନେଇ ଏବେ ସୂଚନା ମିଳିନାହିଁ। ଚାଷୀ ଯେତେ ଟଙ୍କା ଋଣ ନେବେ ସେତିକି ଗ୍ୟାରେଣ୍ଟି ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ଏକ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏଥିରେ ଚାଷୀଙ୍କ ପିଲାମାନେ ପଢ଼ିପାରିବେ। ଏଥିପାଇଁ ଜମି ଚିହ୍ନଟ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟ ଆସନ୍ତା ଜୁନ୍‌ରୁ ଆରମ୍ଭ ହେ

କାଜୋଲ୍‌ଙ୍କ କ୍ରେଜ୍ ଏବେ ବି କମିନି

ବାଜିଗର ଗାର୍ଲ କାଜୋଲ୍। ବଲିଉଡ ଇଣ୍ଡଷ୍ଟ୍ରିକୁ ଦେଇଛନ୍ତି ଅନେକ ହିଟ୍ ଫିଲ୍ମ। ନିଜ ଟୁନ୍‌ବୁଲି ଅଭିନୟ ପାଇଁ ଫ୍ୟାନ୍‌ଙ୍କ ହୃଦୟରେ ଜଗନ୍ତି ରାଜ୍। ଅନେକ ଦିନ ଇଣ୍ଡଷ୍ଟ୍ରିରୁ ଦୂରେଇ ରହିବା ପରେ ବି କମିଜି କ୍ରେଜ୍। ଏବେ ବି ରହିଛନ୍ତି ତାଙ୍କର ଅନେକ ଫ୍ୟାନ୍ ଫଲୋଅର୍ସ। ଅଭିନୟ ସହ ବ୍ୟବସାୟରେ କେଶ୍ ସକ୍ସେସ୍ କାଜଲ। ତେବେ ଆସନ୍ତୁ ଜାଣିବା କେତେ ସମ୍ପତିର ମାଲିକ କାଜଲ ଦେବଗନ ୧୯୭୪ ମସିହା ମୁମ୍ବାଇରେ ଜନ୍ମିତ କାଜଲଙ୍କ ପିଲା ଦିନର ନାଁ କାଜଲ ମୁଖାର୍ଜି। କିନ୍ତୁ ତାଙ୍କୁ ସମସ୍ତେ କାଜଲ ନାଁରେ ଜାଣନ୍ତି। ସେ ଅଭିନୟରେ ଯେତିକି ପ୍ରସିଦ୍ଧ, ବ୍ୟବସାୟରେ ମଧ୍ୟ ସେତିକି ସଫଳ। ୧୯୯୨ରେ ଫିଲ୍ମ ଦେଖୁଦି ଜରିଆରେ ବଲିଉଡରେ ପାଦ ଥାପିଥିଲେ କାଜଲ। କିନ୍ତୁ ଅଜୟ ଦେବଗଣଙ୍କ ସହିତ ବିବାହ ପରେ ହଠାତ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜାମ ଜରିଡା ଜମ୍ ଜରିଦେଇଥିଲେ। ଏପିରିକି ଜିଦ୍ଦି ସମୟ ପାଇଁ ବି ଦୂରେଇ ଯାଇଥିଲେ। ହେଲେ ଫିଲ୍ମ ଲାଇନ୍‌ରୁ ଦୂରରେ ରହିବା ପରେ ବି କାଜୋଲଙ୍କ ଫ୍ୟାନ୍‌ଙ୍କ ସଂଖ୍ୟା କମିନି ବି ରୋଚ୍ଚଗାରରେ ପଡିନି ଫରକ। ଏବେବି ରୋଚ୍ଚଗାର ଜରନ୍ତି କୋଟିକୋଟି ଟଙ୍କା। ଫିଲ୍ମ ବ୍ୟତୀତ ସେ ବ୍ୟବସାୟରୁ ଜରନ୍ତି ବେଶ୍ ରୋଚ୍ଚଗାର। କାଜୋଲଙ୍କ ବାଷ୍ଟିକ ରୋଚ୍ଚଗାର ପ୍ରାୟ ୨୫ କୋଟି ଟଙ୍କା। ବର୍ତମାନ ସୁଦ୍ଧା ତାଙ୍କର ଆନୁମାନିକ ମୋଟ ସମ୍ପତି ପ୍ରାୟ ୨୫୦ କୋଟି ଟଙ୍କା। କାଜଲ ଅଭିନୟ ବ୍ୟତୀତ ମଡେଲିଂ, ବ୍ରାଣ୍ଡ ଏଣ୍ଡୋର୍ସମେଂଟ ଏବଂ ବ୍ୟବସାୟରୁ ନଉନ୍ତି ମୋଟା ଅଙ୍କର ରୋଚ୍ଚଗାର। ସୋସିଆଲ୍ ଖ୍ଟାର୍ଜରେ ମଧ୍ୟ ବେଶ୍ ସକ୍ରିୟ କାଜଲ। ଏମିତିକି ଗିରିଫ୍ ପ୍ରୋଜେକ୍ଟ ରଣ୍ଡିଆ ନାମକ ଏକ ଚାରିଟେବୁଲ ଟ୍ରଷ୍ଟ ଚଲାଇଥାନ୍ତି କାଜୋଲ। ଏହି ଟ୍ରଷ୍ଟ ଚଦଜାତ ଏବଂ ଅନାଥ ଝିଅମାନଙ୍କ ପାଇଁ କାମ କରିଥାଏ। ତାଙ୍କର ଏକ ମେକଅପ୍ ବ୍ରାଣ୍ଡ ଅଛି। ଯେଉଁଥିରୁ ସେ ପ୍ରତିବର୍ଷ ୧-୨ କୋଟି ଟଙ୍କା ରୋଚ୍ଚଗାର କରନ୍ତି। ଏଡାବ୍ୟତୀତ ସେ ଏକ ବ୍ରାଣ୍ଡ ଏଣ୍ଡୋର୍ସମେଂଟ ପାଇଁ ୩ କୋଟି ଏବଂ ଷ୍ଟେଜ୍ ସୋ ପାଇଁ ୨-୩ କୋଟି ଟଙ୍କା ଫି ନେଉଥାନ୍ତି। ୨୦୧୦ରେ ତାଙ୍କୁ ଟାଇମ୍ସ ଅଫ୍ ଇଣ୍ଡିଆ ଦ୍ୱାରା Most Desirable Woman ଅର୍ଥାତ୍ ସବୁଠାରୁ ପସନ୍ଦ କରାଯାଉଥିବା ମହିଳା ରାବେ ବିବେଚନା କରାଯାଇଥିଲା। ବର୍ତମାନ ସୁଦ୍ଧା ସେ ସବୁଠାରୁ ଅଧିକ ପସନ୍ଦ କରୁଥିବା କଳାକାର ଲିଷ୍ଟରେ ସାମିଲ ରହିଛନ୍ତି। ତାଙ୍କ ସମୟର ଶ୍ରେଷ୍ଠ ଅଭିନେତ୍ରୀଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ସେ ଶ୍ରେଷ୍ଠ ଅଭିନେତ୍ରୀ ଲାଭେ ୫ଥର ଏବଂ ୬ ଥର ଫିଲ୍ମଫେୟାର ପୁରସ୍କାର ପାଇଛନ୍ତି। ଯେଉଁଥିପାଇଁ ତାଙ୍କୁ ୧୨ ଥର କରାଯାଇଛି ମନୋନୀତ। ଭାରତର ଚତୁର୍ଥ ସର୍ବୋଚ୍ଚ ସମ୍ମାନ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ତାଙ୍କୁ। ୨୦୧୧ରେ ସେ ଏହି ସମ୍ମାନରେ ସମ୍ମାନିତ ହୋଇଥିଲେ।

ମିଷ୍ଟର ଇଟ୍ ଅଲ୍

୧୯୫୦ରେ ଜନ୍ମିତ ଫ୍ରାନ୍ସର ମାଇକେଲ ଲୋତିତୋ ପରିଚିତ ଥିଲେ 'ମିଷ୍ଟର ଇଟ୍ ଅଲ୍' ନାମରେ। କାରଣ ସାଇକେଲ, ଟିଭି, ଖଟଠାରୁ ଆରମ୍ଭ କରି ଶପିଂ କାର୍ଟ, କାଚ ଜିନିଷ, ରବର ଏମିତି କି ଏରୋପ୍ଲେନ୍‌ର ପାର୍ଟ ଖାଇ ବେଶ୍ ଆରାମରେ ହଜମ କରିଦେଇପାରୁଥିଲେ ସେ। ତାଙ୍କର ଏଭଳି ଖାଇବା ଅଭ୍ୟାସ ମାତ୍ର ୯ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ୧୬ ବର୍ଷ ବୟସ ବେଳକୁ ସେ ଏଭଳି ଅଜବ ଖାଦ୍ୟ ଖାଇବାର ଶୋ' କରିବା ଆରମ୍ଭ କରିଦେଇଥିଲେ। ଏରୋପ୍ଲେନକୁ ଛୋଟ ଛୋଟ ଖଣ୍ଡ କରି ମିନେରାଲ ଅଏଲ୍ ଓ ପ୍ରଚୁର ପାଣି ପିଇ ପିଇ ଖାଉଥିଲେ। ଯେମିତିକି ସେହି ଧାତୁଗୁଡ଼ିକ ଡଂଟିରେ ଓ ଅନ୍ତନଳୀରେ ସହଜରେ ଯାଇପାରିବ। ପ୍ରକୃତରେ ସେ ପିକା ନାମକ ଏକ ଅଜବ ରୋଗରେ ଆକ୍ରାନ୍ତ ଥିଲେ। ଯାହାକି ଏକ ମାନସିକ ରୋଗ। ଏଥିରେ ତାଙ୍କୁ ଅଖାଦ୍ୟ ଦେଖିଲେ ଖାଇବାକୁ ଲୋଭ ହେଉଥିଲା। ଡାକ୍ତରଙ୍କ କହିବାନୁସାରେ ତାଙ୍କ ଅନ୍ତନଳୀ ଓ ପେଟରେ ମୋଟା ଆସ୍ତରଣ ଥିବା ସହ ହଜମ ପାଇଁ କ୍ଷରଣ ହେଉଥିବା ରସାୟନ ବି ଶକ୍ତ ଥିଲା। ତେଣୁ ସେ ଧାତୁଆ, ଶକ୍ତ ଧାତୁ ଖାଇଲେ ବି ତାହା ହଜମ ହେଉଯାଉଥିଲା। ତେବେ ଆଶ୍ଚର୍ଯ୍ୟର କଥା ସେ ଯଦି କଦନୀ, ପିଜ଼ା ଅଣ୍ଡା ପରି ସରଳ ଖାଦ୍ୟ ଖାଉଥିଲେ ତାଙ୍କ ଦେହ ଖରାପ ହେଉଥିଲା। ୧୯୫୯ରୁ ୧୯୯୭ ମଧ୍ୟରେ ସେ ପ୍ରାୟ ୯ ଟନ୍ ଧାତୁ ଖାଇଥିଲେ। ଏଭଳି ଅଜବ ଖାଦ୍ୟ ଲାଗି ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ବି ସ୍ଥାନ ପାଇଥିଲା।

ବଲିଉଡର ବେଷ୍ଟ ଦମ୍ପତିମାନଙ୍କ ମଧ୍ୟରୁ ରିତେଶ ଦେଶମୁଖ ଏବଂ ଜେନେଲିଆ ଡି'ସୁଜା ଅନ୍ୟତମ। ପରଦାରେ ହେଉ କିମ୍ବା ପରଦା ପଛରେ, ଦମ୍ପତି ସର୍ବଦା ଫ୍ୟାନ୍‌ଙ୍କ ହୃଦୟ ଜିତି ଥାଆନ୍ତି। ଏହି ଦମ୍ପତି ଏକାଠି ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି। ବର୍ତମାନ ଜେନେଲିଆ ଡି'ସୁଜା ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଟ୍ରାଏଲ୍ ପିରିୟଡ୍' ବିଷୟରେ ଆଲୋଚନାକୁ ଆସିଛନ୍ତି। ପ୍ରଶଂସକମାନେ ଫିଲ୍ମ ପାଇଁ ବହୁତ ଉତ୍ସାହିତ ଅଛନ୍ତି। ବୁଧବାର ଫିଲ୍ମ 'ଟ୍ରାଏଲ୍ ପିରିୟଡ୍'ର ପ୍ରୋମୋ ଭିଡିଓ ମୁକ୍ତିଲାଭ କରିଥିବା ଯାହା ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏଥି ସହିତ ଜେନେଲିଆ ମଧ୍ୟ ଫିଲ୍ମର ପ୍ରମୋସନରେ ସମ୍ପୃକ୍ତ ଅଛନ୍ତି। ଏକ ସାକ୍ଷାତକାରରେ ଅଭିନେତ୍ରୀ ବିବାହ ପରେ ଅଭିନୟରୁ ବ୍ରେକ୍ ନେବା ନେଇ ଖୁଲାସା କରିଥିଲେ। ଅଭିନେତ୍ରୀ କେବଳ ହିନ୍ଦୀରେ ନୁହେଁ ଦକ୍ଷିଣ ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। ରିତେଶ ଦେଶମୁଖଙ୍କୁ ବିବାହ କରିବା ପରେ ଅଭିନେତ୍ରୀ ଚଳଚ୍ଚିତ୍ରରୁ ବିରତି ନେଇଥିଲେ। ଏବେ ଅଭିନେତ୍ରୀଙ୍କୁ କ୍ୱଚିତ୍ ଅନସ୍କ୍ରିନରେ ଦେଖିବାକୁ ମିଳେ। ଏଭଳି ପରିସ୍ଥିତିରେ ଅଭିନେତ୍ରୀ ସମସ୍ତ ଗୁଜବକୁ ଅସ୍ୱୀକାର କରିଥିଲେ। ଯେଉଁଥିରେ ଦର୍ଶାଯାଇଥିଲା ଯେ ରିତେଶ ତାଙ୍କୁ ଏପରି କରିବାକୁ ଜେବେ କହି ନଥିଲେ। ଜେନେଲିଆ କହିଛନ୍ତି ଯେ ସେମାନେ ନିଜ ସଂପର୍କରେ ବହୁତ ଖୁସି ଅଛନ୍ତି। ଅଭିନେତ୍ରୀ ତାଙ୍କ ସ୍ୱାମୀ ଏବଂ ପିଲାମାନଙ୍କ ସହିତ ତାଙ୍କ ଜୀବନକୁ ଭରପୁର ଉପଭୋଗ କରିବାକୁ ଚାହୁଁଛନ୍ତି।

କୁକୁର ପାଇଁ ରେଷ୍ଟୁରାଂଟ

ଯେଉଁମାନେ ଘରେ ପେଟ୍ ରଖିଥାନ୍ତି, ସେମାନଙ୍କ ପାଇଁ ତାଙ୍କ ପେଟ୍ ପରିବାରର ସଦସ୍ୟ ଭଳି ହୋଇଥାନ୍ତି। ସେମାନେ ତାଙ୍କୁ ସବୁ ପ୍ରକାରର ସୁବିଧା ସୁଯୋଗ ଦେବାକୁ ଚାହାନ୍ତି। କିନ୍ତୁ ଯେତେବେଳେ କୌଣସି ରେଷ୍ଟୁରାଂଟକୁ ଯିବାକୁ ହୁଏ, ସେତେବେଳେ ସେମାନଙ୍କୁ ନେବା ସମ୍ଭବ ହୁଏନା। କାରଣ ଅଧିକାଂଶ ସ୍ଥାନରେ ପେଟ୍‌କୁ ନେବା ମନା ଥାଏ। ଏହାକୁ ଦୃଷ୍ଟିରେ ରଖି ଆମେରିକାର ସାନଫ୍ରାନ୍ସିସ୍କୋରେ ଏକ ଖାସ୍ ରେଷ୍ଟୁରାଂଟ ଖୋଲା ଯାଇଛି। ଏଠାରେ କେବଳ ପେଟ୍ ଡଗ୍‌ଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପଶଲ ପରଶା ଯାଇଥାଏ। ଉକ୍ତ ରେଷ୍ଟୁରାଂଟର ନାମ ହେଉଛି 'ଡଗ୍ସୁ'। ଏଠି କୁକୁରଙ୍କ ମନପସନ୍ଦର ବିଭିନ୍ନ ପ୍ରକାରର ଖାଦ୍ୟ ସ୍ତୁତ କରାଯାଇଥାଏ। ଯେଉଁଥିରେ ଚେଷ୍ଟିଜ୍ ଓ ଚାଉଳକୁଲ୍ ସହ ମିଶ୍ରିତ ଡ୍ରିମି ଡ୍ରିଙ୍କ୍ ଉଗୋଟିମୋ ଅନ୍ୟତମ। ଉତିବାର ଦିନ ହା 'ବୋନ ଆପେଟ୍ଟଙ୍ଟ କାଫେ'ରେ ପରିବର୍ତିତ ହୋଇଯାଏ। ଆଉ ୩ କୋର୍ସ ମେନ୍ୟୁ ମିଳେ। ସେ ପୁଣି ଫୁଟରଲାବେ ଲିଂଗ କରାଯାଇ। ତେଣୁ ଏହି ରେଷ୍ଟୁରାଂଟକୁ ପେଟ୍ ମାଲିକମାନେ ବେଶ୍ ପସନ୍ଦ କରୁଛନ୍ତି।

ଟ୍ରାଇବସ୍ ଟୁ ୱାର୍ଲ୍ଡ ଭୁବନେଶ୍ୱରରେ ଖୋଲିଛି

ଭୁବନେଶ୍ୱର:- ରାଜ୍ୟରେ ପ୍ରଥମ ଥର ପାଇଁ ଖୋଲାଯାଇଛି ଟ୍ରାଇବସ୍ ଟୁ ୱାର୍ଲ୍ଡ, ଏହା ହେଉଛି ଏକ ଆଫ୍ରିକୀୟ ରେଷ୍ଟୁରାଣ୍ଟ, ଯାହା ଆଫ୍ରିକୀୟ ଏବଂ ଓଡ଼ିଆର ସାଂପ୍ରତିକ ଆଦିବାସୀ ଖାଦ୍ୟ ପ୍ରଦାନ କରୁଛି। ଏହା ପ୍ରଥମ ଥର ଓଡ଼ିଶାରେ ଖୋଲିଯାଇଛି । ଏଠାରେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାରର ଆଫ୍ରିକୀୟ ଖାଦ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ ସେମାନେ ପାର୍ଟି, ଇଭେଣ୍ଟ, ପ୍ରାଇଭେଟ୍ ପାର୍ଟି, ବ୍ରାଇ, ବୁଫେ, ବିବାହ, କର୍ପୋରେଟ୍, ରାତ୍ରୀଭୋଜନ କିମ୍ବା କଷ୍ଟମାଇଜ୍ଡ କ୍ୟାଟେରିଂ ପାଇଁ ସେବା ମଧ୍ୟ ପ୍ରଦାନ କରନ୍ତି। ଆଫ୍ରିକା ଏବଂ ଓଡ଼ିଶାର ସାଂସ୍କୃତିକ ରାଷ୍ଟ୍ରଦୂତ ଭାବରେ ହୋଇଥିବା ଏହି ରେଷ୍ଟୁରାଣ୍ଟ ଏକ ଉଦାହରଣ ଯାହା ସେଠାକାର ଅଥେନ୍ଟିକ ଖାଦ୍ୟକୁ ପରିବେଷଣ କରେ। ଏହା ପିଢ଼ି ପରେ ପିଢ଼ି ସ୍ଥାନାନ୍ତରିତ ଆଦିବାସୀ ସମ୍ପ୍ରଦାୟର ଶକ୍ତି ଖାଦ୍ୟକୁ ପ୍ରଦର୍ଶିତ କରୁଛି। ଖାଦ୍ୟଗୁଡ଼ିକ ଆଦିବାସୀ ସମ୍ପ୍ରଦାୟର ମଲାଓ୍ୱିର ୟାଓ ଜନଜାତି ଠାରୁ ଆରମ୍ଭ କରି ନାଇଜେରିଆ ଦକ୍ଷିଣ ଆଫ୍ରିକା ଏବଂ ଓଡ଼ିଶାର ଓରାଓନ୍ ଜନଜାତିକୁ ମଧ୍ୟ ନିଆଯାଇଛି। ଅତିଥି, ଖାଦ୍ୟ ପ୍ରେମୀ, ବ୍ଲଗରମାନେ ଆଫ୍ରିକା ଏବଂ ଓଡ଼ିଶାକୁ ସଂଯୋଗ କରୁଥିବା ଅନନ୍ୟ ଭୋଜନ ଅଭିଜ୍ଞତା ପାଇପାରିବେ। ଟ୍ରାଇବସ୍ ଟୁ ୱାର୍ଲ୍ଡରେ ଲୋକପ୍ରିୟ ଖାଦ୍ୟଗୁଡ଼ିକ ମଧ୍ୟରେ ଇଗୁସୀ ସୁପ୍(ଭୂମି ଖରବୁଜ ବିହନ ଏବଂ ନାଇଜେରିଆ ଏବଂ ପଶ୍ଚିମ ଆଫ୍ରିକାରେ ସାଧାରଣତଃ ଯେକୌଣସି ପସନ୍ଦର ପ୍ରୋଟିନ) ତିଆରି ଏକ ଘନ ସୁପ୍ ଅନ୍ତର୍ଭୁକ୍ତ। ଫୁଫୁ ଅନ୍ୟ ଏକ ପ୍ରିୟ ଏବଂ ବିଶ୍ୱ ପ୍ରସିଦ୍ଧ ଏବଂ କେବଳ ଆଫ୍ରିକୀୟ ନୁହେଁ ଅନେକଙ୍କ ଦ୍ୱାରା ପ୍ରିୟ। ଏହା ସିଝା ଏବଂ ପକାଯାଇଥିବା କାସାଭା, ୟାମ୍, କିମ୍ବା କଦଳୀରୁ ତିଆରି ଏକ ଷ୍ଟାର୍ଚି ଡଟ୍। ଫୁଫୁ ଘାଟାରେ ଉତ୍ପନ୍ନ ହୋଇଛି ଏବଂ ନାଇଜେରିଆରେ ମଧ୍ୟ ଉପଭୋଗ କରାଯାଏ। ଆପଣ ବ୍ରାଇ ମଧ୍ୟ ଟେଷ୍ଟ କରିପାରିବେ, ଏହା ମୂଳ ଆଫ୍ରିକୀୟ ମସଲା ସହିତ ଏକ ଆଫ୍ରିକୀୟ ଶୈଳୀର ବାର୍ବିକ୍ୟୁ। ଏହା ଦକ୍ଷିଣ ଆଫ୍ରିକାରୁ ଉତ୍ପନ୍ନ। ସେମାନେ

ବ୍ରାଇ ମାଷ୍ଟର। ଆପଣ ସ୍ୱାଦ ପାଇଁ ଅନୁତାପ କରିପାରିବେ ନାହିଁ। ଏହି ଭୋଜନ ଅଭିଜ୍ଞତା ସାମାଜିକୀକରଣ ପାଇଁ ଉତ୍ତମ। ଏଥିରେ ପ୍ରାୟତଃ ପାପ (ଏକ ପ୍ରକାରର ମଜା ଭୋଜନ), ଚକାଲାକା (ଏକ ମସଲାଯୁକ୍ତ ସ୍ୱାଦ) ଏବଂ ପାନୀୟ ସହିତ ପରିବେଷଣ କରାଯାଏ। ଦକ୍ଷିଣ ଆଫ୍ରିକାରେ, ବ୍ରାଇ କେବଳ ଏକ ଭୋଜନ ନୁହେଁ; ଏହା ଏକ ସାମାଜିକ କାର୍ଯ୍ୟକ୍ରମ ଯେଉଁଠାରେ ସମସ୍ତେ ନିଆଁରେ ସାହାଯ୍ୟ କରନ୍ତି, ରୋଷେଇ କରନ୍ତି ଏବଂ ଖାଦ୍ୟ ବାଣ୍ଟିଥାନ୍ତି। ଏଥିରେ ସାଧାରଣତଃ କାଠ କିମ୍ବା କୋଇଲା ଉପରେ ରାନ୍ଧିବା, ଖାଦ୍ୟକୁ ଧୂଆଁଯୁକ୍ତ ସ୍ୱାଦ ଦେବା ଅନ୍ତର୍ଭୁକ୍ତ। ମିଠା ପାଇଁ, ମାଲଭା ପୁଡିଂର ମଜା ନିଅନ୍ତୁ, ବାଜରା ମୋଡ଼ ସହିତ ଏକ ମିଠା କେକ୍। ଏହା ଦକ୍ଷିଣ ଆଫ୍ରିକାରୁ ଆପ୍ରିକୋଟ ଜାମ୍ ସହିତ ତିଆରି। ଏହା ଝଞ୍ଜା ଏବଂ ଉପରେ ଏକ ଗରମ କ୍ରିମ୍ ସସ୍ ସହିତ କିମ୍ବା ଆଇସକ୍ରିମ୍ ସହିତ ପରିବେଷଣ କରାଯାଏ।
ଆଫ୍ରିକା ଏବଂ ଓଡ଼ିଶାର ଅନନ୍ୟ ସ୍ୱାଦର ଉପଭୋଗ କରିବା ପାଇଁ ବିଶ୍ୱର ଜନଜାତିମାନଙ୍କୁ ପରିଦର୍ଶନ କରନ୍ତୁ ।

ମଙ୍ଗଳପୁର ଓ ନରେନ୍ଦ୍ରପୁରରେ ରଥଯାତ୍ରା ଅନୁଷ୍ଠିତ

ଭଦ୍ରକ, : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ଓ ନରେନ୍ଦ୍ରପୁର ଗ୍ରାମରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ମଙ୍ଗଳପୁରରେ ସକାଳେ ଯଥାରୀତି ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନା କରାଯିବା ପରେ ଅପରାହ୍ନରେ ପହଣ୍ଡିବିଜେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମର ଅବସରପ୍ରାପ୍ତ ପ ାୟତ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ଦାସ ରାଜା ବେଶରେ ଛେରା ପହଁରା କରିଥିଲେ। ପରେ ଭକ୍ତମାନେ ଘଂଟ, ଘଂଟା, ହୁଳହୁଳି ଦେଇ ସଂକୀର୍ତ୍ତନ କରି ରଥ ଟାଣିଥିଲେ। ଏହି ରଥକୁ ଶତାଧିକ ମହିଳା ଓ ପୁରୁଷ ମଳିକ ସାହିରୁ ଟାଣି ଟାଣି ଆଣି ମଙ୍ଗଳାସାହି ପୂର୍ବତନ ସରପଂଚ ସୁରେନ୍ଦ୍ର ନାୟକଙ୍କ ବାସଭବନ ସ୍ଥିତ ମାଉସୀମା ବାଡ଼ିରେ ପହଂଚିଥିଲେ। ପୂଜକ ଆଲୋକ ରଂଜନ ଆର୍ଯ୍ୟ ପୂଜା କାର୍ଯ୍ୟ ସମେତ ପହଣ୍ଡି କରାଇଥିଲେ। ଜୟ ଜଗନ୍ନାଥ କମିଟି ଉପଦେଷ୍ଟା ଗୀତିକାର ପଂଚାନନ ନାୟକ, ରମାକାନ୍ତ ମହାଳିକ, ପ୍ରତାପ ଚନ୍ଦ୍ର ନାୟକ, ଅନାଦି ଚରଣ ବେହେରା, ଗଦାଧର ମଳିକ, ଦୁର୍ଗାଚରଣ ନାୟକ, ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ସତ୍ୟାନନ୍ଦ ବାରିକ, କୋଷାଧ୍ୟକ୍ଷ ଚିତରଂଜନ ବାରିକଙ୍କ ସମେତ କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ନରେନ୍ଦ୍ରପୁର ଗ୍ରାମରେ ନରେନ୍ଦ୍ରପୁର, ଛତ୍ରପଦା, ପାଟଣା ଗ୍ରାମର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନରେନ୍ଦ୍ରପୁର ସନାତନ ଗୋସେଇଁଙ୍କ ମଠରୁ ରଥଯାତ୍ରା ଆରମ୍ଭ ହୋଇଥିଲା। ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରଘୁନାଥ ପଣ୍ଡା ପୂଜାକାର୍ଯ୍ୟ ଓ ପହଣ୍ଡି କରାଇଥିଲେ। ଗ୍ରାମର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଇଂ ଅଭୟ ସୂତାର ରାଜା ବେଶରେ ରଥରେ ଛେରା ପହଁରା କରିଥିଲେ। ପରେ ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ ହୁଳହୁଳି ଦେଇ ଘଂଟ, ଘଂଟା, ଝାଞ୍ଜ କରତାଳି ତାଳେ ତାଳେ ସଂକୀର୍ତ୍ତନ କରି ରଥ ଟାଣିଥିଲେ। ଏହି ରଥ ସନାତନ ଗୋସେଇଁଙ୍କ ମଠରୁ ଆରମ୍ଭ ହୋଇ ମା' ପାଟଣ ମଙ୍ଗଳା ପୀଠ ସ୍ଥିତ ମାଉସୀ ମା ମନ୍ଦିରକୁ ଆସିଥିଲା। ରଥ କମିଟିର ମୁଖ୍ୟ ଶୀତଳ କୁମାର ବେହେରା, ଲକ୍ଷ୍ମୀଧର ମାଝୀ, ସତ୍ୟାନନ୍ଦ ଧଳ, ରାଧାଶ୍ୟାମ ସୂତାର, ସୌଭାଗ୍ୟ ରଂଜନ ନାୟକ, ଗୌରହରି ମହାକୁଡ଼, ପୂର୍ବତନ ସରପଂଚ ସୁଧାଂଶୁ କୁମାର ନାୟକଙ୍କ ସମେତ ସନାତନ ମଠ କମିଓ ରଥ କମିଟିର ସଦସ୍ୟମାନେ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ।

ସୋର କମରପୁର ରାସ୍ତାରେ ବର୍ଷା ପାଣିରେ ପଡ଼ି ଅନେକ ଆହତ, ସ୍ଥାୟୀ ଡ୍ରେନ ସହ ସରକାରୀ ଜମି ଚିହ୍ନଟ ପାଇଁ ଦାବି

ସୋର : ପୁଣି ସୋରରେ ଆରମ୍ଭ ହୋଇଯାଇଛି ବର୍ଷା କାଳୀନ ଦୁର୍ଦ୍ଦଶା। ଯେଉଁଥି ପାଇଁ ଆଜି ବର୍ଷାରେ ବେହାଲ ହୋଇଯାଇଛି ସୋର ପୌରାଞ୍ଚଳର ଅନେକ ୱାର୍ଡ଼ରେ ଥିବା ଅନେକ ଘର, ରାସ୍ତା। ଏହିପରି ୧ ନଂ ୱାର୍ଡ଼ରେ ଥିବା କମରପୁର ଗ୍ରାମର ନାୟିକ ସାହି ଶେଷ ମୁଣ୍ଡ ଠାରୁ ନିରଞ୍ଜନ ଘଡେଇ ଘର ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ ରୂପେ ପାଣିରେ ବୁଡ଼ି ଯାଇଥିଲା। ଏଠାରେ ପୂର୍ବରୁ ଜଳ ନିଷ୍କାସନ ପାଇଁ ବାଟ ରହିଥିବା ବେଳେ ବର୍ତ୍ତମାନ ସେଠାରେ ୦୨ ନଂ ୱାର୍ଡ଼ ଓ ୦୧ ନଂ ୱାର୍ଡ଼ର କିଛି ବ୍ୟକ୍ତି ପୌରପାଳିକାର ବିନା ଅନୁମତିରେ ଡ୍ରେନ ପାଇଁ ପର୍ଯ୍ୟାପ୍ତ ଜାଗା ନ ଛାଡ଼ି ଘର କରିବା ଫଳରେ ବର୍ଷା ପାଣି ନିଷ୍କାସନ ନ ହେବା ଫଳରେ ରାସ୍ତା ଉପରେ ପାଣି ଜମା ହୋଇ କିଛି ଲୋକଙ୍କ ଗୋଡ଼ ଖସି ଯିବାରୁ ପାଣି ଭିତରେ ଖସି ପଡ଼ି ଆହତ ହେବା ସହ, ଯାନବାହାନରୁ ମଧ୍ୟ ଖସି ପଡ଼ିଥିଲେ। ପୌରପାଳିକା ତରଫରୁ ଏକ ଜେସିବି ପାଣି ନିଷ୍କାସନ କରିବାକୁ ଆସି ପାଖରେ ଥିବା ଗଣ୍ଡ ଭିତରକୁ ପଶି ଯାଇଥିବାର ଦୃଶ୍ୟ ହସ୍ତଗତ ହୋଇଥିଲା। ଏଠାରେ ପୌରପାଳିକା ତରଫରୁ ଏକ ଫେଭର ରୋଡ଼ ବିନା ଫଳକରେ କରାଯାଇଥିଲା ଯାହା ରାସ୍ତା ହେବାର ଅଳ୍ପ କେଇ ମାସ ମଧ୍ୟରେ ପାଖରେ ଥିବା ଗଣ୍ଡ ପାର୍ଶ୍ୱକୁ ଦବି ଯିବା ଫଳରେ ଉକ୍ତ ଗଣ୍ଡର ପାଣି ଅନେକ ସମୟରେ ରାସ୍ତାକୁ ବୁଡ଼ାଇ ରଖୁଛି। ଉପରୋକ୍ତ ଅଭିଯୋଗ ଗୁଡ଼ିକ ସହ ଆଗାମୀ ଦିନରେ ପୌରପାଳିକା ତରଫରୁ ସରକାରୀ ଜାଗାକୁ ଚିହ୍ନଟ କରି ବେଆଇନ ନିର୍ମାଣ ଉଚ୍ଛେଦ କରି ତୁରନ୍ତ ଏକ ଦୀର୍ଘସ୍ଥାୟୀ ଡ୍ରେନ ନିର୍ମାଣ, ବେଆଇନ ଭାବେ ସରକାରୀ ଜାଗାକୁ ନିଜ ଜାଗା ବୋଲି ଦର୍ଶାଉଥିବା କିଛି ବ୍ୟକ୍ତିଙ୍କ ଉପରେ କାର୍ଯ୍ୟନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ବିଜୟ ମହାପାତ୍ର,ନିରଞ୍ଜନ ଘଡ଼େଇ, ଶୁଭଦୀପ୍ତ ମହାପାତ୍ର, ନିରାକାର ବାରିକ, ମହେନ୍ଦ୍ର ବାରିକ, ପ୍ରମୋଦ ସାହୁ, ଅନାଦି ସାହୁ, ଅଶ୍ୱିନୀ ବାରିକ, ସୀତା ଘଡ଼େଇ ପ୍ରମୁଖ ଦାବି କରିଛନ୍ତି। ଯଦି ଉପରୋକ୍ତ ଦାବି ଗୁଡ଼ିକ ଆଗାମୀ ଦିନରେ ସମାଧାନ କରା ନ ଯିବ ତେବେ ପୌରପାଳିକା କାର୍ଯ୍ୟାଳୟରେ ଅନଶନ ସହ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଆଂଚଳିକ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ

ମାହାଙ୍ଗା : ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତସ୍ଥିତ ଶ୍ରୀ ଅରବିନ୍ଦ ସୋସାଇଟ ସେଣ୍ଟର ତରଫରୁ ଗୋପାଳପୁରଠାରେ ଥିବା ପଲ୍ଲୀସାଂସ୍କୃତିକ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ମାହାଙ୍ଗା, କେନ୍ଦ୍ରାପଡା ୟୁନିଟ୍ ସ୍ତରୀୟ ଆଂଚଳିକ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅଧ୍ୟାପକ ମଳୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ସମବେତ ଧ୍ୟାନ, ଦୁର୍ଗାସ୍ତୋତ ପାଠ, ମା' ବହିର ତୃତୀୟ ଅଧ୍ୟାୟ ପଠନ, ଧ୍ୟାନ, ପ୍ରାର୍ଥନା, ପୁସ୍ତକ ପାଠ, ଚିରନ୍ତ ପୁସ୍ତକ ପାଠ କରାଯିବା ସହ ମାତୃ ସଂଗୀତ ଗାନ କରାଯାଇଥିଲା । ଶ୍ରୀ ରାମକୃଷ୍ଣ ଦାସ (ବାବାଜୀ ମହାରାଜ)ଙ୍କ ରଚିତ ଲୋକ ସାହିତ୍ୟ ପୁସ୍ତକର ତୃତୀୟ ଖଣ୍ଡ(ମାନବ

ଦୁଃଖ ପାଏ କାହିଁକି) ଶୀର୍ଷକ ଆଲୋଚନା ଚକ୍ରରେ ମାତୃ ସାଧକ ଇଂ. ଗୁଣନିଧି ତ୍ରିପାଠୀ, ହରିହର ମଲ୍ଲିକ, ପ୍ରମୋଦ କୁମାର ମିଶ୍ର, ବିପିନି ବିହାରୀ କର, ଦାମୋଦରର ଲେଙ୍କା ଓ ମାତୃ ସାଧିକା ଉର୍ମିଳା ରାଉତ ପ୍ରମୁଖ ଅଙ୍କତା, ଦିବ୍ୟ ଚେତନାର ଅଭାବରୁ ହିଁ ମଣିଷ ସର୍ବଦା ସମସ୍ୟାରେ ଜର୍ଜରିତ ହୋଇ ଦୁଃଖ ଯନ୍ତ୍ରଣା ପାଇଥାଏ । ଏଥିରୁ ମୁକ୍ତି ପାଇବାକୁ ହେଲେ ଭଗବତ ଚିନ୍ତନ, ନିରନ୍ତର ସାଧନା ଏକମାତ୍ର ଉପାୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆବାହକ ଗୌତମ ଚରଣ ଜେନା ସ୍ୱାଗତ ସୂଚନା ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ରନାଥ ବିଶ୍ୱାଳ, ନରହରି ସେଠୀ, ଜୟପ୍ରକାଶ ନାରାୟଣ ସାହୁ, ରଂଜନ କୁମାର ବିଶୋଇ, ଇଂ.ଚିନ୍ମୟ ଜେନା, ମନୋଜ ସେଠୀ ପ୍ରମୁଖ ସହଯୋଗ କରିଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ସାମ୍ବାଦିକ ବିଜୟ କୁଅଁର, ଶ୍ରୀକାନ୍ତ ରାଉତରାୟ, ପୂର୍ବତନ ସରପଂଚ ସୁବାଷ ଚନ୍ଦ୍ର ମହାନ୍ତି, ବିବେକାନନ୍ଦ ପାଣି, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ପୂର୍ବତନ ସିଆରପିସି ଭାଷ୍ଟର ଚନ୍ଦ୍ର ସାହୁଙ୍କ ସମେତ ମାହାଙ୍ଗା, ନିଶ୍ଚିନ୍ତକୋଇଲି , କେନ୍ଦ୍ରାପଡା ଓ ଡେରାବିଶ ଅଂଚଳର ବହୁ ମାତୃସାଧକ ଓ ସାଧିକାମାନେ ଯୋଗ ଦେଇଥିଲେ । ଶେଷରେ ସଂସଦର ସଭାପତି ଶଶଧର ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ପୁରୀ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁକୁ ନେଇ ବିଜେଡ଼ିର ବିକ୍ଷୋଭ ପ୍ରଦର୍ଶନ

ନିମାପଡା : ପୁରୀ ଶରଧାବାଲିରେ ଦଳା ଚକଟାରେ ୩ଜଣ ଭକ୍ତଙ୍କ ମୃତ୍ୟୁ ଏବଂ ଶତାଧିକ ଆହତ ହୋଇଥିବା ଘଟଣାକୁ ନେଇ ନିମାପଡ଼ା ବିଜେଡ଼ି ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛି ନିମାପଡ଼ା ବିଜେଡ଼ି। ଏଥର ରଥଯାତ୍ରା ସ୍ମରଣୀୟ ହେବ ବୋଲି ଭକ୍ତମାନଙ୍କୁ କହି ଶ୍ମଶାନକୁ ପଠେଇଥିବା ବିଜେପି ସରକାର ଭକ୍ତଙ୍କ ଭାବାବେଗ, ବିଶ୍ୱାସରେ ବିଷ ଦେଇଛି। ନୈତିକତା ଦୃଷ୍ଟିରୁ ଏ ସରକାର ଇସ୍ତଫା ଦେବା ଦରକାର କହି ନିମାପଡ଼ା ବିଜେଡ଼ି ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ

ଦଳାଚକଟାରେ ତିନିଜଣ ଭକ୍ତଙ୍କ ମୃତ୍ୟୁ ଘଟଣାରେ ସରକାର ନିଜ ମୁଣ୍ଡରୁ ଦୋଷ ହଟାଇବା ପାଇଁ ଜିଲ୍ଲାପାଳ ଓ ଏସ.ପିଙ୍କୁ ତରବରିଆ ଭାବରେ ବଦଳିକରି କିଛି କର୍ମଚାରୀଙ୍କୁ ନିଲମ୍ବନ କରିଛି। ଏ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହାସ୍ୟାସ୍ପଦ। ବିଜେଡି ଏହାକୁ ତିବ୍ର ବିରୋଧ କରିବା ସହିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଆଇନ ମନ୍ତ୍ରୀ ପୃଥୁରାଜ ହରିଚନ୍ଦନଙ୍କ ଇସ୍ତଫା ଦାବି କରିଛି। ଆଜି ଅପରାହ୍ନରେ ଦୋଳବେଦୀ ଛକ ନିକଟରେ ବିଜେଡି ନେତା ମାନସ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉଭୟ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଯଦି ସେମାନେ ଇସ୍ତଫା ନଦିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ବିଜେଡି ନେତା ଦିଲ୍ଲୀପ ପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଲିନ ଦାସ, ମିର କଲିମ ଅଲି, ଗୁତ୍ତୁ ନାୟକ, ସରିତା ମହାପାତ୍ରଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ତରଫରୁ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ

ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ଠାରେ ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ତରଫରୁ ଜୟପୁର ସ୍ଥିତ ଏକଟିଭ ଲାଇଫ ଫିଜିଓଥେରାପି ସେଣ୍ଟର ସାନ ତେଲି ସାହି ରେ ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା,ଏହି ଚିକିତ୍ସା ଶିବିର ରେ ଡିଗ୍ରୀଧାରୀ ଆୟୁର୍ବେଦ ଚିକିତ୍ସକ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା, ଏହି ଶିବର ରେ ସ୍ଥାନୀୟ ବାସିନ୍ଦା ମାନେ ସେମାନଙ୍କ ର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ରେ ରେ ମେଡ଼ିସିନ ନେଇଥିଲେ, ରଜା ରାଜୁତା ଅମଳ ରେ ଆୟୁର୍ବେଦ ର ବେଶ ପ୍ରଚାର

ପ୍ରସାର ଥିଲା, ସେତେବେଳେ ଆୟୁର୍ବେଦ ର ବହୁଳ ବ୍ୟବହାର ହେଉଥିଲା,ଏବେ କିଛି ବର୍ଷ ହେବ ଆୟୁର୍ବେଦ ର ପ୍ରଚାର ପ୍ରସାର ଜମି ଯାଇଛି, ଏବେ ସରକାର ଆୟୁର୍ବେଦ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ବିଭିନ୍ନ ଅଞ୍ଚଳ ରେ ଆୟୁର୍ବେଦ ମେଡିକାଲ ଖୋଲା ଯାଇଛି,ଆୟୁର୍ବେଦ ପ୍ରତି ଲୋକ ମାନଙ୍କ ଏବେ ବିଶ୍ୱାସ ଆସିଲାଣି, ଯେଉଁ ମାନେ ଥରେ ଆୟୁର୍ବେଦ ମେଡ଼ିସିନ ବ୍ୟବହାର କରିବା ଆରମ୍ଭ କରୁଛନ୍ତି, ସେମାନେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଆୟୁର୍ବେଦ ମେଡ଼ିସିନ ବ୍ୟବହାର କରୁଥିବା ପରିଲକ୍ଷିତ ହେଉଛି ବୋଲି ଡାକ୍ତର ସୁଦର୍ଶନ ଗୌଡ଼ କହିଛନ୍ତି,ଏହି ଆୟୁର୍ବେଦ ଚିକିତ୍ସା ଶିବିର କୁ ମୀନକେତନ ପଣ୍ଡା ସ୍ମୃତି କମିଟି ତରଫରୁ ସହଯୋଗ କରାଯାଇଛି, ଏହି କାର୍ଯ୍ୟକ୍ରମ ରେ କବିରାଜ ପରମେଶ୍ୱର ପାତ୍ର,କବିରାଜ ଖେତ୍ରବାସି ପଣ୍ଡା,ଭବାନୀ ଚରଣ ଆଚାର୍ଯ୍ୟ, ସତ୍ୟନାରାୟଣ ପରିଛା ଉପସ୍ଥିତ ଥିଲେ ।

ମାଲକାନଗିରି ଜିଲ୍ଲାରେ ଜାତୀୟ ପରିସଂଖ୍ୟାନ ଦିବସ-୨୦୨୫ ପାଳିତ

ମାଲକାନଗିରି, : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ,ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗୀୟ ମୁଖ୍ୟଡ. ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତ

ଭୁବନେଶ୍ୱର, ୨୦୨୫, ଜୁଲାଇ ୪

ବାହୁଡ଼ିବେ ମହାପ୍ରଭୁ ଶ୍ରୀଜଗନ୍ନାଥ



କ୍ଷୀରୋଦିନୀ ବେହେରା

ପ୍ରତିବର୍ଷ ଆଷାଢ଼ଶୁକ୍ଳ ଦ୍ୱିତୀୟାତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କରଜନ୍ମବେଦୀ ଶ୍ରୀଗୁଣ୍ଡିଚାମନ୍ଦିରକୁ ରଥ ଦ୍ୱାରା ଯାତ୍ରାକରିଥାଁ ଏବଂସେଠାରେ ନଅ ଦିନ ରହି ଆଷାଢ଼ଶୁକ୍ଳପକ୍ଷ ଦଶମୀରେ ଶ୍ରୀଗୁଣ୍ଡିଚାମନ୍ଦିର ରୁବଡ଼ ଦେଉଳବା ଶ୍ରୀମନ୍ଦିରକୁଫେରନ୍ତି ।ମହାପ୍ରଭୁଙ୍କରଏହିଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ ।ଏହାକୁ ଦକ୍ଷିଣାଭିମୁଖୀ ଯାତ୍ରା ମଧ୍ୟ କୁହାଯାଏ । ପୁରୀଶ୍ରୀକ୍ଷେତ୍ରରେ ପାଳନ ହେଉଥିବା ମହାପ୍ରଭୁଶ୍ରୀଜଗନ୍ନାଥଙ୍କ ସହସମ୍ବନ୍ଧିତ ଦ୍ୱାଦଶ ଯାତ୍ରାମଧ୍ୟରୁଏହା ଏକ ଅନ୍ୟତମଶ୍ରେଷ୍ଠ ଯାତ୍ରା, ଯାହାସମଗ୍ରବିଶ୍ୱରେଖ୍ୟାତିଅର୍ଜନ କରିଛି । ରଥଯାତ୍ରାମୁଖ୍ୟ ଅଙ୍ଗ ହେଉଛିବାହୁଡ଼ା ଯାତ୍ରା, ଯାହାଭଗବାନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀସୁଭଦ୍ରାଙ୍କ ଶ୍ରୀଗୁଣ୍ଡିଚାମନ୍ଦିରରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବ□ନର ପବିତ୍ର ଯାତ୍ରାକୁସୂଚାଏ ।ଏହି ଯାତ୍ରା ଆଧ୍ୟାତ୍ମିକତାପୂର୍ଯ୍ୟ ଓ ସାଂସ୍କୃତିକମହ□ରେ ପରିପୂର୍ଣ ଥିବାରୁ ରଥଯାତ୍ରା କୁ ତିନୋଟି ଅଙ୍ଗରେବିଭକ୍ତ କରାଯାଇଛି । 'ଶ୍ରୀଗୁଣ୍ଡିଚା ଯାତ୍ରା' ଗୋଟିଏ ଅଙ୍ଗ ହୋଇଥିବାବେଳେ 'ଗୁଣ୍ଡିଚାମଣ୍ଡପରେ ଉପବେଶନ' ଦ୍ୱିତୀୟଏବଂ 'ବାହୁଡ଼ା ଯାତ୍ରା' ହେଉଛିତୃତୀୟ ଅଙ୍ଗ । ଶାସ୍ତ୍ରାନୁସାରେ ବିଶ୍ୱାସରହିଛି ଯେ, ରଥଯାତ୍ରା ସମୟରେ ମହାପ୍ରଭୁଉ□ରାଭିମୁଖୀହୋଇ ଯାତ୍ରାକରୁଥିବା ସମୟରେ ଦର୍ଶନ କଲେଯେଉଁ ଫଳ ମିଳେ, ବାହୁଡା ସମୟରେ ଦକ୍ଷିଣାଭିମୁଖୀହୋଇ ଯାତ୍ରାକରୁଥିବାବେଳେମହାପ୍ରଭୁଙ୍କୁ ଦର୍ଶନକଲେସେତିକି ଫଳ ମିଳିଥାଏ । ଏପରିକିଭକ୍ତ/ଶ୍ରଦ୍ଧାଳୁମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭକରି ଅନ୍ତକାଳରେବୈକୁଣ୍ଠ ପ୍ରାପ୍ତିହୋଇଥାନ୍ତି ।

ବାହୁଡ଼ା ରଥଯାତ୍ରାନେଇ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ନବମ ଦିବସରେ ଶ୍ରୀବିଗ୍ରହମାନଙ୍କୁ ରଥରେ ଅଧିଷ୍ଠିତହେବେ । କାରଣ, ସେହିଦିନ ପ୍ରାତଃକାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଏବଂ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭହୋଇଥାଏ । ତେଣୁବାହୁଡ଼ା ଯାତ୍ରା ପୂର୍ବରୁ ଅର୍ଥାତ ଅଷ୍ଟମୀ ଦିନ ଶରଧାବାଲିଠାରେ ରଖାଯାଇଥିବାତିନୋଟି ରଥକୁ ଦକ୍ଷିଣମୋଡ଼ କରାଯାଇଶ୍ରୀଗୁଣ୍ଡିଚାମନ୍ଦିରର ନାକଚଣାଦ୍ୱାର ସମ୍ମୁଖରେ ରଖାଯାଏ ।ତା'ପରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହ□ିବା ପରେସେଠାରେ ପାରମ୍ପରିକରୀତିନୀତି ଅନୁସାରେଲକ୍ଷ୍ମୀ-ନାରାୟଣଭେଟକରାଯାଏ । ପରେ ରଥ ଉପରେମହାପ୍ରଭୁଙ୍କ ଖଈ କୋରା ଭୋଗ ସହ ରାତ୍ର ପହୁଡ଼ ନୀତିହୋଇଥାଏ । କିମ୍ବଦନ୍ତୀ ଅନୁଯାୟୀ, ରଥଯାତ୍ରା ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବାର୍ଷିକଗସ୍ତକୁ ସ୍ମରଣକରନ୍ତି, ଯାହାତାଙ୍କ ମାଉସୀଙ୍କ ବାସସ୍ଥାନ ବୋଲି ବିଶ୍ୱାସକରାଯାଏ ।ଏହି ଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛାକୁବାହାରେ ଅତିବାହିତକରିବାରସମୟକୁ ପ୍ରତୀକକରେ । ପ୍ରତ୍ୟାବ□ନ ଯାତ୍ରା ଅର୍ଥାତ ଦଶମ ଦିନରେଘଟିଥାଏ, ଯାହା ଦେବତାମାନଙ୍କୁ ମୂଳବାସସ୍ଥାନକୁଫେରାଇ ଆଣିଥାଏ ।ଏହି ଯାତ୍ରାରମହ□ବିଭିନ୍ନ ଧର୍ମୀୟ ପୁରାଣ ସହିତଜଡ଼ିତ, ଯେମିତି ଭଗବାନ ଶ୍ରୀକୃଷ୍ଣଙ୍କର ଅବତାରଭଗବାନ ଶ୍ରୀଜଗନ୍ନାଥ ତାଙ୍କଜନ୍ମସ୍ଥାନ ମଥୁରା ପରିଦର୍ଶନ କରିବାକୁ ଇଚ୍ଛାକରନ୍ତି, ସେମିତିହିଁ ଶ୍ରୀଗୁଣ୍ଡିଚାମନ୍ଦିର ମଥୁରାର ଏକ ପ୍ରତିନିଧୀ ଭାବରେବିବେଚନାକରାଯାଏ ।

ବାହୁଡ଼ା ଯାତ୍ରାକେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ଏହାମାନବଜୀବନରେ ଘର ବାହୁଡ଼ାର ପ୍ରତୀକ । ଏହାସୂଚାଏ ଯେ, ଜୀବନର ଯାତ୍ରାଯେତେ ଦୂରହେଉନା କାହିଁକି, ଶେଷରେ ଆମେ ନିଜରମୂଳସ୍ଥାନ ବାବାସ ସ୍ଥାନକୁଫେରିବାକୁ ପଡ଼ିଥାଏ ।ଏହି ଭାବନାଭକ୍ତ/ଶ୍ରଦ୍ଧାଳୁମାନଙ୍କୁ ଆଧ୍ୟାତ୍ମିକ ଜୀବନରେ ନିଜର ଆସ୍ଥା ଓ ନିଷ୍ଠାକୁ ଦୃଢ଼କରିବାକୁ ପ୍ରେରଣା ଦେଇଥାଏ । ଏହା ଭକ୍ତି ଓ ଏକତାର ଏକ ଅପୂର୍ବସମନ୍ୱୟ ।ଏଣୁ ଏହି ଶକ୍ତିଶାଳୀ ପ୍ରତୀକ ଉତ୍ସବକୁ ଭକ୍ତମାନଙ୍କ ପାଇଁ ଗଭୀର ଭାବପ୍ରବଣ କରିଥାଏ । ମହାପ୍ରଭୁଙ୍କୁ ଏହି ସମୟରେ ଦେଖିବା ପାଇଁ ଲକ୍ଷଲକ୍ଷଭକ୍ତ/ଶ୍ରଦ୍ଧାଳୁମାନେ ଖାଲି ପାଦରେ ଆସିଥାନ୍ତି । ସାଂସ୍କୃତିକ ଦୃଷ୍ଟିରୁ, ବାହୁଡ଼ା ଯାତ୍ରା ଓଡ଼ିଶାରକଳା, ସଙ୍ଗୀତ ଓ ପରମ୍ପରାକୁ ଏକ ମତ ପ୍ରଦାନ କରେ ଏବଂ ରଥଗୁଡ଼ିକର ନିପୁଣ କାରୁକାର୍ଯ୍ୟ, ଭଜନ-କୀର୍ତନ ଓ ରଥ ସମ୍ମୁଖରେ ନୃତ୍ୟଶିଳ୍ପୀମାନେ ପାଦରେ ଘୁଙ୍ଗୁର ଲଗାଇ ଓଡ଼ିଶାର ଲୋକନୃତ୍ୟ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଏହି ଉତ୍ସବକୁ ଏକ ସାଂସ୍କୃତିକ ମହୋତ୍ସବରେ ପରିଣତ କରିଥାଏ ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,
ମୋ -୯୭୭୭୭୨୯୦୦୨

ବାହୁଡ଼ାଯାତ୍ରା

ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ନଅ ଦିନ ରହଣୀ ପରେ ଦଶମୀ ଦିନ ହୋଇଥାଏ ବାହୁଡ଼ା ଯାତ୍ରା । ବାହୁଡ଼ା ଯାତ୍ରାଟି ମହାପ୍ରଭୁଙ୍କ ନବଦିନ ବ୍ୟାପୀ ରଥଯାତ୍ରାର ଏକ ମୁଖ୍ୟ ଓ ପ୍ରଧାନ ଅଂଶ । ସାଧାରଣରେ ବାହୁଡ଼ା ଅର୍ଥ ଫେରିବା ବା ପ୍ରତ୍ୟାବର୍ତନ କରିବା । ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ତିନି ଠାକୁରଙ୍କ ଏହି ଫେରନ୍ତା ଯାତ୍ରା ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଅନୁଷ୍ଠିତ ହୋଇଥାଏ । ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଣ୍ୟ ତିଥିରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୁଏ । ଶ୍ରୀମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ରଥରେ ବସି ଗୁଣ୍ଡିଚା ମନ୍ଦିର ଯାତ୍ରା କରନ୍ତି । ଏହି ଯାତ୍ରା ନବଦିନର ହୋଇଥିଲେ ମଧ୍ୟ ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା ଦିନକୁ ବାଦଦେଲେ ଅବଶିଷ୍ଟ ସାତ ଦିନ ପାଇଁ ପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରନ୍ତି । ଏହାର ବିଧି ବିଧାନ ମଧ୍ୟ ସ୍ୱତନ୍ତ୍ର । ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପାଖରେ ପରମ୍ପରାରେ ତିଆରି ହେଉଥିବା ଖେଚୁଡ଼ି ଭୋଗ ହୋଇଥାଏ ପରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥାଏ । ଏହାର ପୂର୍ବରୁ ରଥ ଗୁଡ଼ିକ ଦକ୍ଷିଣ ମୁହାଁ ହୋଇ ରହିଥାଏ । ଏହାର ପରବର୍ତୀ କାର୍ଯ୍ୟକ୍ରମରେ ଗଜପତି ମହାରାଜ ଛେରା ପହଁରା କରିଥାନ୍ତି । ତେବେ ମହାରାଜଙ୍କ ଅନୁପସ୍ଥିତିରେ ମୁଦିରଥ ତାଙ୍କ ପ୍ରତିନିଧିତ୍ୱ କରି ସେବା ସମ୍ପାଦନ କରିବାର ପରମ୍ପରା ମଧ୍ୟ ରହିଛି । ଏହା ପରେ ରଥରୁ ଚାରମାନ ଖୋଲାଯାଏ । ଘୋଡ଼ା ଯୋଚା ଯାଇ ଡାହୁକ ବସେ । ଶେଷକୁ ରଥଟଣା ଆରମ୍ଭ ହୁଏ ।

ବାହୁଡ଼ା ଯାତ୍ରାର ପରମ୍ପରା ଅନୁଯାୟୀ ସର୍ବପ୍ରଥମେ ଭଗବାନ ବଳଭଦ୍ରଙ୍କ ରଥ ବଡ଼ଶଙ୍ଖ ପର୍ଯ୍ୟନ୍ତ ଆସିବା ପରେ ଦେବୀ ସୁଭଦ୍ରାଙ୍କ ରଥ ଆଗମନ କରିଥାଏ ଏବଂ ଶେଷରେ ହିଁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ହୋଇଥାଏ । ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରୁ ଅଳ୍ପଦୂରରେ ରହିଥିବା ସମୟରେ ବାଟରେ ମାଉସୀ ମା'ଅର୍ଦ୍ଧାଶନୀ ଦେବୀଙ୍କ ମନ୍ଦିର ଆଗରେ ଜଗନ୍ନାଥଙ୍କ ରଥ ଅଟକି ରହେ । ସେଠାରେ ମନ୍ଦିରରେ ତିଆରି ଛେନା ପୋଡ଼ପିଠା ଭୋଗ ଜଗନ୍ନାଥଙ୍କୁ ଦିଆଯାଏ । ଏହି ସ୍ଥାନ ମାଉସୀ ବେଦୀ ନାମରେ କଥିତ । ମାଉସୀ ମା' ମନ୍ଦିରରୁ ପୋଡ଼ିପଠା ଭୋଗ ଖାଇସାରି ଜଗନ୍ନାଥମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ବଡ଼ଦେଉଳ ସିଂହଦ୍ୱାର ନିକଟରେ ପହ*ଁବା ବେଳକୁ ଜଗନ୍ନାଥଙ୍କ ରଥ ଗଜପତି ନଅର ସମ୍ମୁଖରେ ରଖାଯାଇଥାଏ । ଏହାପରେ ଲକ୍ଷ୍ମୀ ବିମାନରେ ବସି ପଣ୍ଡା ଓ ଦଇତାପତିମାନଙ୍କ କୁଳବଧୂଙ୍କ ଗହଣରେ ଜଗନ୍ନାଥଙ୍କ ରଥ ପାଖକୁ ଆସନ୍ତି । ସେଠାରେ ପୂଜା, ଆଳତି ଓ ବନ୍ଦାପନା କରାଯାଏ । ଏହି ବନ୍ଦାପନା କାର୍ଯ୍ୟରେ ଗଜପତି ମହାରାଜା ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଠାକୁରଙ୍କ ପାଖରେ ଦହିପଟ ଭୋଗ ହୁଏ । ଏହି ଭୋଗ ସମୟକୁ ରାଜା ବିଜେ ହୁଅନ୍ତି । ଲକ୍ଷ୍ମୀ ବିମାନରେ ବସି

ଡ଼ଃ.ଅରୁନ୍ଧତୀ ଦେବୀ

ଜଗନ୍ନାଥଙ୍କ ରଥ ଚାରିପଟେ ପରିକ୍ରମା କରନ୍ତି । ଏହାପରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କୁ ବନ୍ଦପନା କରାଯାଏ । ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଏହି ସାକ୍ଷାତକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ । ଜଗନ୍ନାଥଙ୍କ ଅଧରମାଳ ଲକ୍ଷ୍ମୀଙ୍କୁ ଓ ଲକ୍ଷ୍ମୀଙ୍କ ଅଧରକୁ ଜଗନ୍ନାଥଙ୍କୁ ଅର୍ପିତ ହୁଏ । ଜଗନ୍ନାଥଙ୍କ ଅଙ୍ଗରୁ ଦଇତାପତିମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ବାହୁଡ଼ି ଯାଆନ୍ତି ଶ୍ରୀମନ୍ଦିରକୁ । ଜଗନ୍ନାଥଙ୍କ ରଥ କିଛି ସମୟ ପରେ ସିଂହଦ୍ୱାରଠାରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ପାଖରେ ପହ*। ବାହୁଡ଼ା ଦିନ ଠାକୁରମାନେ ରଥରେ ରହନ୍ତି । ମଧ୍ୟାହ୍ନ ଧୂପଠାରୁ ଶୁଖିଲା ଭୋଗ ହୁଏ । ବାହୁଡ଼ା ପରଦିନ ଏକାଦଶୀ ତିଥିର ମଧ୍ୟ ତିନିଠାକୁର ରଥ ଉପରେ ବିରାଜମାନ ଥା'ନ୍ତି । ସେଠାରେ ସେମାନଙ୍କର ଏକାଦଶୀ ନୀତି, ଅଧରପଣା ଭୋଗ, ରାଜାବେଶ ହୁଏ । ଏହି ବେଶ ସଂପୂର୍ଣ୍ଣ ସୁନାରେ ହୋଇଥିବାରୁ ଏହାକୁ ଠାକୁରଙ୍କର ସୁନାବେଶ ବୋଲି ମଧ୍ୟ କୁହାଯାଏ । ଦ୍ୱାଦଶୀ ଦିନ ଠାକୁରମାନଙ୍କୁ ରଥରୁ ଓହ୍ଲାଇ ରତ୍ନବେଦୀକୁ ନିଆଯାଏ । ଏହା ନୀଳାଦ୍ରୀ ବିଜେ ନାମରେ ଖ୍ୟାତ । ସନ୍ଧ୍ୟା ଧୂପ ସରିବା ପରେ ବିଜେ କାହାଳୀ ବାଜି ପହଣ୍ଡି ଆରମ୍ଭ ହୁଏ ।

ଗୁଣ୍ଡିଚା ଯାତ୍ରାର ସମସ୍ତ ବିଧି ଅନୁସାରେ ଏହି ପହଣ୍ଡି କରାଯାଏ । ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନରେ ବିଜେ କରିବା ପରେ ଜଗନ୍ନାଥଙ୍କ ପହଣ୍ଡି ହୁଏ । ଜୟବିଜୟ ଦ୍ୱାର ବନ୍ଦ କରି ଲକ୍ଷ୍ମୀ ଅଭିମାନରେ ଜଗନ୍ନାଥଙ୍କୁ ଅଟକାଇ ରଖନ୍ତି । ଶ୍ରୀ ମନ୍ଦିର ଭିତର ପଟେ ଲକ୍ଷ୍ମୀ ପକ୍ଷରୁ ସେବକ ଦଇତାପତିମାନଙ୍କ ପତ୍ନୀ ବା ଦେବଦାସମାନେ ଏବଂ ବାହରାପଟେ ଜଗନ୍ନାଥଙ୍କ ପକ୍ଷରୁ ଦଇତାପତିମାନେ ରହି ପରସ୍ପର ମଧ୍ୟରେ ନାନା ବଚନିକା ଓ ପଦ୍ୟାବୃତି କରନ୍ତି । ଏହାକୁ ଲକ୍ଷ୍ମୀ-ନାରାୟଣ କଳି କୁହାଯାଏ । ଜଗନ୍ନାଥ ବହୁତ ବୁଝାଇବା ପରେ ଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗେ ଏବଂ କଳି ତୁଟେ । ଏହାପରେ ଶ୍ରୀଜଗନ୍ନାଥ ସିଂହାସନରେ ବିଜେ କରନ୍ତି । ତାଙ୍କ ସମ୍ମୁଖରେ ଲକ୍ଷ୍ମୀଙ୍କୁ ସ୍ଥାପନ କରାଯାଏ । ଏଥିସହିତ ରଥଯାତ୍ରାର ପରିସମାପ୍ତି ଘଟେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ: ୯୯୩୭୧୭୨୮୧୦

ମହାପ୍ରଭୁଙ୍କ ସୁନାବେଶ

କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା । ଯେପରି - "ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତମ । ସର୍ବେଷାଂ ଚୈବ ବେଦାନାଂ ରାଜା ଶ୍ରୀ ପୁରୁଷୋତମ ।" (କପିଳ ସଂହିତା) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପା*ଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ) ଦିନ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉପତି ସଂପର୍କରେ ଆମେ ଯାହା ଐତିହାସିକ ଓ ପୌରାଣିକ ତଥ୍ୟ ସଂଗ୍ରହ କରିଥିଲୁ ଏହାର ମୁତାବକ ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ମହାନ ରାଜା ତୃତୀୟ ଅନଙ୍ଗଭୀମ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ଘୋଷଣା କରିଥିଲେ । ଏପରିକି ଏକ ଶିଳାଲିପିର ତଥ୍ୟ ଅନୁଯାୟୀ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ , ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ । ସେହିପରି କେତେକ ଐତିହାସିକଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ । ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ । ଗବେଷକ ମାନେ ସୁନା ବେଶର ଉପତି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୁପଣ କରିଛନ୍ତି । ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋ*ଇେ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ ।

ସୁନାବେଶ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସଂର୍ପରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ଯାହା ଆମେ ସଂଗ୍ରହ କରିଥିଲୁ । ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକଣ୍ଠି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା ।

ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି

ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

। ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ୍ୟ ଦୂରୁହ ବ୍ୟାପାର । ରଥ ପର କେବଳ ଲାଗି ହେଉଥିବାର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ । କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ । ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣଶ୍ରୀପୟର, ପଦକ, କୁଣ୍ଡଳ ନଳୀଭୁଜ, ତିଳକ, 'ବଡ଼ ତଡ଼ଉ' ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହିବେଶ କରାଇଥିଲେ । ଅତୀତରେ ଏହା 'ବଡ଼ଚ

ସୂଚନା ଲୋକସମ୍ପର୍କ ଅଫିସ ଓ ପାଠାଗାର ଖୋଲିବା ଦାବିରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୁଚିଣ୍ଡା ସାମ୍ବାଦିକ ସଙ୍ଘ ପକ୍ଷରୁ ଧାରଣା

କୁଚିଣ୍ଡା, : ଦୀର୍ଘ ତିନି ବର୍ଷ ହେଵ କୁଚିଣ୍ଡାରେ ବନ୍ଦ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ଓ ବନ୍ଦ ଥିବା ପାଠାଗାରକୁ ଖୋଲିବା ପାଇଁ ଦାବି କରି ସୋମବାର ଦିନ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ କୁଚିଣ୍ଡା ସାମ୍ବାଦିକ ସଙ୍ଘ (ଓୟୁଜେ) ପକ୍ଷରୁ ଧାରଣା ଦିଆ ଯାଇଥିଲା,ମାତ୍ର ଆଗାମୀ ୧୦ ଦିନ ମଧ୍ୟରେ ଉକ୍ତ କାର୍ଯ୍ୟାଳୟ ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର କରାଯାଇଥିଲା।ପ୍ରାପ୍ତ ସୂଚନାକୁ ପ୍ରକାଶ ଯେ,ଦୀର୍ଘ ତିନି ବର୍ଷ ହେବ କୁଚିଣ୍ଡାରେ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ଓ ପାଠାଗାରକୁ ସ୍ଥାନୀୟ ପ୍ରଶାସନ ବନ୍ଦ କରିଦେବା ସହିତ ସେଠାରେ କାର୍ଯ୍ୟରତ ଥିବା ଏକମାତ୍ର ପିଅନକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ନିଯୁକ୍ତି କରାଯାଇଛି। ଏହି ବନ୍ଦ ଥିବା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ପାଠାଗାରକୁ କାର୍ଯ୍ୟକ୍ଷମ କରିବା ପାଇଁ କୁଚିଣ୍ଡା ସାମ୍ବାଦିକ ମାନେ ଗତ ତିନି ବର୍ଷ ହେବ କୁଚିଣ୍ଡା ଉପଜିଲ୍ଲାପାଳ, ସମ୍ବଲପୁର ଜିଲ୍ଲାପାଳ ଏବଂ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗକୁ ବିଭିନ୍ନ ସମୟରେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନାହିଁ। ଗତ ଜାନୁଆରୀ ମାସ ୨୭ ତାରିଖ ଦିନ କୁଚିଣ୍ଡାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ମଧ୍ୟ ସଙ୍ଘ ପକ୍ଷରୁ ଏ ଜାବଦରେ ଅଭିଯୋଗ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଥିଲା,ଏହି ସମୟରେ ଜିଲ୍ଲାପାଳ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଜରି ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ପାଠାଗାରକୁ ଖୋଲିବା ପାଇଁ ଦାବି କରି କୁଚିଣ୍ଡା ସାମ୍ବାଦିକ ସଙ୍ଘର ସଦସ୍ୟ ମାନେ ସୋମବାର ଦିନ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।କୁଚିଣ୍ଡା ସାମ୍ବାଦିକ ସଙ୍ଘ (ଓୟୁଜେ) ର ସଭାପତି ବିନେଶ ନନ୍ଦଙ୍କ ନେତୃତ୍ୱରେ ଚାଲିଥିବା ଏହି ଧାରଣାରେ ରାଜ୍ୟ ଜ୍ୟେଷ୍ଠାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିଦାନ୍ଦ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାୟ ମିଶ୍ର,ଜିଲ୍ଲା ସଭାପତି ପ୍ରଭାତ କେଡେରା,ଜମଳଜିରା ସଂଘର ସଭାପତି ଖଡିରଞ୍ଜନ ପ୍ରଧାନ,କୁଚିଣ୍ଡା ସାମ୍ବାଦିକ ସଙ୍ଘର ଉପସଭାପତି ପ୍ରଶାନ୍ତ ଶର୍ମା, ଅଦିତ ପଣ୍ଡା,ସାଧାରଣ ସମ୍ପାଦକ ତପନ ଦାସ,କୋଷାଧ୍ୟକ୍ଷ ସୁଧୀର ମହାନ୍ତି, ଅମୂଲ୍ୟ ମିଶ୍ର,ପ୍ରକାଶ ଶର୍ମା ,ଜନୟ ମହାପାତ୍ର,ବିଶ୍ୱଜିତ ନାୟକ,ଅର୍କ,ଜୟ କିଶୋର ମହାପାତ୍ର, ଦେବେନ୍ଦ୍ର ବେହେରା, ମନୀଷ ତିୱାରୀ, ଲିପୁନ ସାହୁ,ରିଙ୍କୁ କୁସୁମ,ହୃଦୟ ଚନ୍ଦ୍ର ପଟେଇଙ୍କ ସମେତ କୁଚିଣ୍ଡା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।ତେବେ ଧାରଣା ଚାଲୁଥିବା ବେଳେ ଧାରଣାସ୍ଥଳକୁ ଆସି କୁଚିଣ୍ଡା ଡେପୁଟି ଜଲେକ୍ଟର ସରିତା ଓରାମ, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ ଏବଂ ସମଲପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଷମ୍ୟାଦିକଙ୍କ ସହ ଆଲୋଚନା କରିବା ପରେ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ପାଠାଗାର ଆଗାମୀ ୧୦ ଦିନ ମଧ୍ୟରେ ଖୋଲାଯିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇ ଧାରଣା ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।ଧାରଣା ଚାଲୁଥିବା ବେଳେ କୁଚିଣ୍ଡାର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତା ଧାରଣାସ୍ଥଳକୁ ଆସି ସାମ୍ବାଦିକ ଙ୍ଘର ଏହି ଧାରଣାକୁ ତାଙ୍କର ନୈତିକ ସମର୍ଥନ ଦେଇଥିଲେ।

ଅଧ୍ୟାପିକା ଡ .ସୋନାଲି ସାହୁଙ୍କ ନାମ ଜାତୀୟ ବସ୍ତାବିକ୍‌ରେ ସାମିଲ, ବିଭିନ୍ନ ମହଲରୁ ଶୁଭେଚ୍ଛା

ବ୍ରହ୍ମପୁର : ନିଜର ଅନନ୍ୟ ସାହିତ୍ୟ କୃତି ନିମନ୍ତେ ଜେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିବା ବରିଷ୍ଠ କବି ଡ. ଫଗୀ ମହାନ୍ତି ଙ୍କ ଅନ୍ୟତମ କାବ୍ୟଖଣ୍ଡ 'ଅନ୍ଧକ୍ୟା' ର ଶ୍ରେଷ୍ଠ ଇଂରାଜୀ ଅନୁବାଦ ନିମନ୍ତେ ଅଧ୍ୟାପିକା ଡ ସୋନାଲି ସାହୁଙ୍କ ନାମ (ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍) ଜାତୀୟ ବସ୍ତାବିଜରେ ସ୍ଥାନିତ ହୋଇଛି । ଏହା ସହ ସେ ଲାଭ କରିଛନ୍ତି ବିରଳତମ ପୁରସ୍କାର ସମ୍ବଳିତ ହେବା ଯୋଗୁଁ ବ୍ରହ୍ମପୁର ଅଞ୍ଚଳ ବାସୀଙ୍କ ପାଇଁ ଖୁସିର ଲହରୀ ଆଣି ଦେଇଛି । ସୂଚନା ଯୋଗ୍ୟ ଡ ସୋନାଲି ଏହା ପୂର୍ବରୁ ବହୁ ପୁସ୍ତକ ଅନୁବାଦ କରି ସୁନାମ ଅର୍ଜନ କରିବା ସହ ବହୁ ସମ୍ମାନ ହାସଲ କରିଛନ୍ତି । ସେ ଜ୍ଞାନ ବିକାଶ ମହାବିଦ୍ୟାଳୟ ରେ ଇଂରାଜୀ ବିଭାଗରେ ଅଧ୍ୟାପିକା ଭାବେ ଶିକ୍ଷା ପ୍ରଦାନ କରୁଥିବା ବେଳେ ଜଣେ ଭଲ ସଂଯୋଜିକା ଭାବେ ମଧ୍ୟ ସର୍ବାଙ୍କ ମନକୁ ଜିଣି ପାରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏବଂ ଓଡ଼ିଆ ଭାଷା ସାହିତ୍ୟ ର ଗରିମା ବୃଦ୍ଧି କରିବା ଲକ୍ଷ୍ୟ ନେଇ ସେ ଏପରି ବହୁ ପୁସ୍ତକ ଅନୁବାଦ କରିଛନ୍ତି । ଏଥି ପାଇଁ ତାଙ୍କ ସ୍ୱାମୀ ରଞ୍ଜୀତାନ୍ତ ଦାସ ଓ କନ୍ୟା ପ୍ରିୟ ଦର୍ଶିନୀ ଦାସ ତାଙ୍କୁ ଉତ୍ସାହିତ କରି ଆସୁଥିବା ସେ କହିଛନ୍ତି । ଆଗାମୀ ଦିନରେ ମଧ୍ୟ ସେ ଆହୁରି ବହୁ ଉଚ୍ଚ କୋଟିର ପୁସ୍ତକ ଅନୁବାଦ କରିବା ଲକ୍ଷ୍ୟ ରଖିଛି ।

ଏଚଡିଏଫସି ଲାଇଫ ପକ୍ଷରୁ ନୂଆ କ୍ୟାମ୍ପେନର ଶୁଭାରମ୍ଭ

କଟକ : ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମାକାରୀ, ଏଚଡିଏଫସି ଲାଇଫ ଏହାର ନୂଆ କ୍ୟାମ୍ପେନର ଶୁଭାରମ୍ଭ କରିଛି । ଯେଉଁଥିରେ 'ଆପଣଙ୍କ ପରିବାରର ଉଚ୍ଚିତ୍ତାତ ପାଇଁ ଯୋଜନା କରିବା ସହିତ ଆଜିକୁ ଉପଭୋଗ କରନ୍ତୁ' ଟାଗ୍‌ଲାଇନ ସହ କମାଳା ପଣ୍ଡିତଙ୍କ ଓ ଓଡିଶାର ବର୍ଶାଜଙ୍କ ନିକଟରେ ପହଂଚିଛି। ଏହି ବିଜ୍ଞାପନ ଫିଲ୍ମରେ ପଣ୍ଡିତଙ୍କର ଲୋକପ୍ରିୟ ଅଭିନେତା ଅବିର ଗୋସ୍ୱାମୀ ଅଭିନୟ କରିଛନ୍ତି। ମଜବୁତ ସଂଯୋଗ ସ୍ଥାପନ କରିବା କ୍ଷେତ୍ରରେ ରିଲିଓନାଲ ମାର୍କେଟିଂ ଏକ ପ୍ରମୁଖ ରଣନିତି ଗ୍ରହଣ କରିଥାଏ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଚଡିଏଫସି ଲାଇଫ ଗତବର୍ଷ ଏକ ସୁଦୃଢ ଅଂଚଳ-କେନ୍ଦ୍ରିତ କ୍ୟାମ୍ପେନ ପଦ୍ଧତି ଆରମ୍ଭ କରିଥିଲା, ଯାହାକୁ ପଶ୍ଚିମ ଭାରତୀୟ ରାଜ୍ୟଗୁଡିକରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଦକ୍ଷିଣ ଭାରତ ପରେ ଏଚଡିଏଫସି ଏବେ ଭାରତର ପୂର୍ବାଂଚଳ ରାଜ୍ୟଗୁଡିକ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତି ନେଇଛି । ପରିବାରର ଇଚ୍ଛା ଓ ଆକାଂକ୍ଷା ନିଶ୍ଚିତ କରିବା ପାଇଁ ଜଣେ ବୀମାକୁ ସଠିକ ସମୟରେ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେବ। ବିଜ୍ଞାପନ ଫିଲ୍ମରେ ମୁଖ୍ୟ ନାୟକ ନିଜ ପିଲାଦିନର ସ୍ମୃତି ସମ୍ପର୍କରେ କହିବା ସମୟରେ ଏହି ଚାର୍ତାକୁ ପ୍ରକାଶ କରିଛନ୍ତି। କ୍ୟାମ୍ପେନ ସମ୍ପର୍କରେ ଏଚଡିଏଫସି ଲାଇଫର ମାର୍କେଟିଂ ବିଭାଗର ମୁଖ୍ୟ ପ୍ରିତିକା ଶାହ କହିଛନ୍ତି, "ଆମର ପୂର୍ବର ଦକ୍ଷିଣ-କେନ୍ଦ୍ରିତ ପ୍ରୟାସଗୁଡିକୁ ମିଳିଥିବା ସଫଳତାକୁ ପ୍ରତିକ୍ରିୟା ଆମକୁ ଏହି ପଦ୍ଧତିକୁ ଭାରତର ଅନ୍ୟ ଅଂଶଗୁଡିକୁ ନେବା ପାଇଁ ପ୍ରେରାଦିତ କରିଥିଲା। ଅବିର ଡାଟର୍ଜୀଙ୍କ ଅତିଚାତ ଆମର ପ୍ରଥମ ପୂର୍ବାଂଚଳ-କେନ୍ଦ୍ରିତ କ୍ୟାମ୍ପେନକୁ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ପାଇଁ ଆଣନ୍ତା କରାଯାଇଛି। ଆମେ ବିଶ୍ୱାସ କରୁଛୁ ଯେ, ଆମର କ୍ୟାମ୍ପେନ ସହିତ ଆମେ ଆର୍ଥିକ ସ୍ୱାଧୀନତା ଦିଗରେ ଅଧିକରୁ ଅଧିକ ଲୋକଙ୍କୁ ସଂଯୋଗ ଓ ଅନୁପ୍ରାଣିତ କରିବାକୁ ସକ୍ଷମ ହେବୁ। ସେହିଭଳି ଏହାବ୍ୟତୀତ ଲିଡ-ସାଉଥ ଏସିଆର ଚିଫ୍ କ୍ରିଏଟିଭ ଅଫିସର ଚିତ୍ରମା ପାଣ୍ଡେ କହିଛନ୍ତି, " ପଶ୍ଚିମବଙ୍ଗ ଓ ଓଡିଶା ଭଳି ପ୍ରମୁଖ ପୂର୍ବାଂଚଳ ରାଜ୍ୟଗୁଡିକ ସହିତ ଆମର ପ୍ରଥମ ବର୍ତ୍ତା ପାଇଁ ଆମେ ଏକ ବିଶ୍ୱସନୀୟ ସ୍ୱର ସହ ଆଗକୁ ବଢିବାକୁ ଚାହୁଁଥିଲୁ, ଯିଏ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଯୋଜନା ଦିଗରେ ପରିବର୍ତ୍ତନ ପାଇଁ ଜଣେ ଉତ୍ପ୍ରେରକ ହୋଇପାରିବେ। ଆମେ ଲୋକପ୍ରିୟ ଅଭିନେତା ଅବିର ଡାଗର୍ଜୀଙ୍କ ସ୍ୱର ଓ ଯାତ୍ରା ମାଧ୍ୟମରେ ଏହି ବାର୍ତାକୁ ଜାତର କରିଛୁ।

ଆଦାନୀ-ଇସ୍କନ ରୋଷଶାଳା, ଶୁଦ୍ଧ ଦେଶୀ ଘିଅ ଓ ପାରମ୍ପରିକ ମସଲାରେ ପ୍ରସ୍ତୁତ ହେଉଛି ଅନ୍ନ ପ୍ରସାଦ

ଜଦ୍ରକ, : ପୁରା ଉଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ପୂର୍ବ ଭାରତର ଆତ୍ମା, ସେବା ଏବଂ ସମର୍ପଣର ପ୍ରତୀକ । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ଦର୍ଶନ ନିମନ୍ତେ ପ୍ରତିବର୍ଷ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥାଏ । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସେବା ନିମନ୍ତେ ଆଦାନୀ ଗ୍ରୁପ ଓ ଇସ୍କନ ପକ୍ଷରୁ ମିଳିତ ପଦକ୍ଷେପରେ ସୁରୀଳ ବିଭିନ୍ନ ସ୍ଥାନରେ ଅନ୍ନ ପ୍ରସାଦ ସେବା ଆରମ୍ଭ କରାଯାଇଛି । ଏହି ପ୍ରଶସ୍ତ ସେବା କେବଳ ଶ୍ରଦ୍ଧାଳୁଙ୍କ ଭୋକ ତୃପ୍ତ କରୁନାହିଁ, ବରଂ ସେବାର ଉତ୍କୃଷ୍ଟ ଆଦର୍ଶକୁ ସ୍ଥାପିତ କରିଛି । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଭୋଜନ ଉପଲବ୍ଧ କରାଯାଉଛି । ଏହି ରୋଜନରେ ମହାପ୍ରଭୁ ଜଗନ୍ନାଥଙ୍କ ଛପନ (୫୬) ଭୋଗ ଥାଳିରୁ ପ୍ରତିଦିନ ଭିନ୍ନ ଭିନ୍ନ ୨୫ ପ୍ରକାର ଭୋଗ ପ୍ରସ୍ତୁତ କରାଯାଇଛି । ଏ ସମସ୍ତ ବ୍ୟଞ୍ଜନ ଶୁଦ୍ଧ ଦେଶୀ ଘିଅ, ପାରମ୍ପରିକ ମସଲା ଏବଂ ସାତ୍ୱିକ ବିଧିରେ ପ୍ରସ୍ତୁତ କରାଯାଉଛି । ଏହି ଦିବ୍ୟ ରୋଷେଇ ଜାର୍ଯ୍ୟ ସବାଜନରେ ପ୍ରାୟ ୫୦୦ରୁ ଉଦ୍ଧର୍ ସ୍ୱେଚ୍ଛାସେବକ ଦିନ-ରାତି ନିଜର ସେବା ପ୍ରଦାନ କରୁଛନ୍ତି । ଏଥିରୁ ପ୍ରାୟ ୫୦% ସ୍ୱେଚ୍ଛାସେବକ ସ୍ଥାନୀୟ ଅଂଚଳର ହୋଇଥିବା ବେଳେ ଅନ୍ୟମାନେ ଦେଶର ବିଭିନ୍ନ ସ୍ଥାନରୁ ଆସିଛନ୍ତି । ସମସ୍ତ ଜର୍ମାନମାନେ ଦୁଇଟି ସିଫ୍ଟରେ ଭାଗ ହୋଇ କାର୍ଯ୍ୟ କରୁଛନ୍ତି । ପ୍ରାରମ୍ଭ ସମୟରେ ପ୍ରାୟ ୩୫୦ ସେବକ ଭାଗ କରୁଥିବା ବେଳେ ଅନ୍ୟମାନେ ପଛା ସମୟରେ ଭୋଜନ ପ୍ରସ୍ତୁତ କରିବାର ଦାୟିତ୍ୱ ସମ୍ଭାଳିପାରି । ସମସ୍ତ ସେବକଙ୍କୁ ଦାୟିତ୍ୱ ବଂଟନ କରାଯାଇଛି ଏବଂ ସେମାନେ କଂଡିଘଡ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । କେହି ପରିପରିବା ଚାଟୁଥିବା ବେଳେ କେହି ତ୍ରୁଟି କରିବା, ରୋଗ ପ୍ୟାକେଟ୍ ଜରିବା, ରୋଗରୁ ନିବାଚିତ ବିତରଣ ସ୍ଥଳରେ ପହଂଚାଇବା ଭଳି ଦାୟିତ୍ୱ ବହନ କରୁଥିବା ଦେଖିବାକୁ ମିଳୁଛି । ଏହି ଦିବ୍ୟ ରୋଷେଇ ଜାର୍ଯ୍ୟ ସବାଜନରେ ପ୍ରାୟ ୫୦୦ରୁ ଉଦ୍ଧର୍ ସ୍ୱେଚ୍ଛାସେବକ ଦିନ-ରାତି ନିଜର ସେବା ପ୍ରଦାନ କରୁଛନ୍ତି । ଏଥିରୁ ପ୍ରାୟ ୫୦% ସ୍ୱେଚ୍ଛାସେବକ ସ୍ଥାନୀୟ ଅଂଚଳର ହୋଇଥିବା ବେଳେ ଅନ୍ୟମାନେ ଦେଶର ବିଭିନ୍ନ ସ୍ଥାନରୁ ଆସିଛନ୍ତି । ସମସ୍ତ ଜର୍ମାନମାନେ ଦୁଇଟି ସିଫ୍ଟରେ ଭାଗ ହୋଇ କାର୍ଯ୍ୟ କରୁଛନ୍ତି । ପ୍ରାରମ୍ଭ ସମୟରେ ପ୍ରାୟ ୩୫୦ ସେବକ ଭାଗ କରୁଥିବା ବେଳେ ଅନ୍ୟମାନେ ପଛା ସମୟରେ ଭୋଜନ ପ୍ରସ୍ତୁତ କରିବାର ଦାୟିତ୍ୱ ସମ୍ଭାଳିପାରି । ସମସ୍ତ ସେବକଙ୍କୁ ଦାୟିତ୍ୱ ବଂଟନ କରାଯାଇଛି ଏବଂ ସେମାନେ କଂଡିଘଡ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । କେହି ପରିପରିବା ଚାଟୁଥିବା ବେଳେ କେହି ତ୍ରୁଟି କରିବା, ରୋଗ ପ୍ୟାକେଟ୍ ଜରିବା, ରୋଗରୁ ନିବାଚିତ ବିତରଣ ସ୍ଥଳରେ ପହଂଚାଇବା ଭଳି ଦାୟିତ୍ୱ ବହନ କରୁଥିବା ଦେଖିବାକୁ ମିଳୁଛି । ଏହି ରୋଷଶାଳା କେବଳ ଏକ ରୋଷଶାଳା ନୁହେଁ, ବରଂ ଏକ ଜୀବନ୍ତ ସେବାକେନ୍ଦ୍ରରେ ପରିଣତ ହୋଇଯାଇଛି । ଏଠାରେ ପ୍ରତି ବ୍ୟକ୍ତି ସେବାକୁ ନିଜର ଧର୍ମ ଭାବେ ପାଳନ କରି ଜାର୍ଯ୍ୟ କରୁଛନ୍ତି । ରୋଷଶାଳା ପାଶ୍ୱର୍ବର୍ତୀ ଅଂଚଳରେ ସ୍ୱୟଂସେବକଙ୍କ ମାଳଙ୍କର ରହଣୀର ବ୍ୟବସ୍ଥା କରାଯାଇଛି ଏବଂ ଭକ୍ତ ଭୋଜନରୁ ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇଛି । ଏହି ସେବା ହେଉଛି ଏପରି ଏକ ପରମ୍ପରା, ଯେଉଁଠାରେ ଶ୍ରଦ୍ଧାରୁ ଅର୍ପଣ ଠାରୁ ଆରମ୍ଭ ହୋଇ ସମାଜର ପ୍ରତିମ ବ୍ୟକ୍ତି ନିକଟରେ ପହଂଚି ପାଉଛି । ପ୍ରସାଦରେ ମୁଖ୍ୟତଃ ଖେଚୁଡି, ଜାଲମା, ଘିଅ-ଅନୁ, ତରକାରୀ, ପୁରୀ, ବରା, ପାୟସମ, ଏବଂ ବିଭିନ୍ନ ପ୍ରକାର ମିଠା ରହିଛି । ଏ ସମସ୍ତ ବ୍ୟଞ୍ଜନରେ ପାରମ୍ପରିକ ବିଧିରେ ପ୍ରସ୍ତୁତ ହେଉଥିବା ବେଳେ ଆୟୁର୍ବେଦ ଦୃଷ୍ଟିକୋଣ ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି ।

ଭାରତୀୟ ଷ୍ଟେଟବ୍ୟାଙ୍କ ତରଫରୁ ଗୋପବନ୍ଧୁ ସେବାସଦନରେ ସାମଗ୍ରୀ ପ୍ରଦାନ

ପଦ୍ମପୁର, : ଆଜି ଭାରତୀୟ ଷ୍ଟେଟବ୍ୟାଙ୍କ ତରଫରୁ ବରଗଡ ଜିଲ୍ଲା ଗାରିସିଲାଟ ବୁଚ ତରଫରୁ ଜିଲ୍ଲା ପ୍ରା.ପର ଜନକେଡା ସ୍ଥିତ ଗୋପବଂଧୁ ସେବାସଦନରେ ସାମଗ୍ରୀ ପ୍ରଦାନ ପରାଯାଇଛି । ଏହି ଟିମରେ ଆର.ବି.ଓ ବରଗଡର ରିଜିଓନାଲ ମେନେଜର ମଧୁସୁବନ ରଥ . ଡାଲପାଳି ଶାଖା ପରିଚାଳକ ଶାନ୍ତନୁ କୁମାର ମେହେର . ବରଗଡ ଆର.ବି.ଓର ଏଚ.ଆର. ମେନେଜର ପ୍ରିତିଶ ଶେଖର ସେଠି. ବରଗଡ ଆର.ବି.ଓର ସିନି ଅର ଏସୋସିଏଟ ଜିତେଶ କୁମାର ସ୍ୱାଇଁ ,ଡାଲପାଳି ଶାଖାର କଷ୍ଟମର ଏସୋସିଏଟ ପ୍ରତ୍ୟୁଷ କୁମାର ପ୍ରଧାନ ଉପସ୍ଥିତ ଥିଲେ । ବ୍ୟାଙ୍କ ପକ୍ଷରୁ ୧୦ଟି ଷ୍ଟିଲ ଚେୟାର ,ରାଉନ୍ଦ ସାମଗ୍ରୀ. ସ୍କୁଲ ବ୍ୟାଗ ଓ ଶୈକ୍ଷିକ ଉପକରଣ ପ୍ରଦାନ କରାଯାଇଛି । ଜାର୍ଯ୍ୟକ୍ରମରେ ଗାରିସିଲାଟ ବୁଚ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ . ପରିଚାଳନା କମିଟୀର ଚୈତନ୍ୟ ସାହୁ . ବିପିନ ବିହାରି ସାହୁ . ରାଜେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ପରିଚାଳନା କମିଟୀ ତରଫରୁ ପିଲାଙ୍କୁ ଡାଲପାଳି ଉଚ୍ଚବିଦ୍ୟାଳୟକୁ ନେବା ଆଣିବା ନିମନ୍ତେ ଏକ ଚାରିଚକିଆ ଯାନ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ଗୋପବଂଧୁ ସେବାସଦନ ବରଗଡ ଜିଲ୍ଲାର ଏକ ଅଗ୍ରଣୀ ସେବା ସଂସ୍ଥା । ଏହା ବିବାଂଗ ଓ ଅନାଥ ପିଲାଙ୍କ ଆଶ୍ରୟସ୍ଥଳି ।

ରାଇରଙ୍ଗପୁର ମହୁଲଡିହାରେ ଥିବା ସତସଙ୍ଗକେନ୍ଦ୍ର ଓ ବହୁ ଘର ପାଣି ଘେରରେ

ରାଇରଙ୍ଗପୁର : ରାଇରଙ୍ଗପୁର ମହୁଲଡିହା ଠାରେ ୨ ନମ୍ବର ୱାର୍ଡରେ ଥିବା ସତସଙ୍ଗ କେନ୍ଦ୍ର ତଥା ଆଖପାଖ ୧୫ଟି ପରିବାର ଜଳ ଘେର ମଧ୍ୟରେ ରହୁଛନ୍ତି ଯ୍ଚ କ୍ରମାଗତ ୧୦ରୁ ୧୨ ଦିନ ହେବ ଭୟାବହ ବର୍ଷା ଯୋଗୁଁ ଘର ଭିତରେ ଓ ପଗଣାରେ ଆଣ୍ଠୁଏ ଲେଖାଏଁ ପାଣି ଭର୍ତ୍ତି ହେବା ଦ୍ୱାରା ସାଧାରଣ ଲୋକେ ଚଳପ୍ରଚଳ କରିବା ଓ ଆସବାବ ପତ୍ର ଜିନିଷ ନଷ୍ଟ ହୋଇଯାଇଛି ଯ୍ଚ ଜଳ ଘେରରେ ରହି ଥଣ୍ଡା, ଜ୍ୱର, ଥଣ୍ଡା ଓ ଜାଖ ବୃଦ୍ଧି ପାଉଛି ଯ୍ଚ ଏ ଅଞ୍ଚଳରେ ଥିବା ସତସଙ୍ଗ କେନ୍ଦ୍ର ରୁ ନିର୍ମିତ ହେଉଥିବା ଢ଼ୁନ ସମ୍ମୁଖ ଘର ଅବରୋଧ କରିବା ପରେ ରାଇରଙ୍ଗପୁର ମ୍ୟୁନିସିପାଲିଟି ଉକ୍ତ ଢ଼ୁନ ଉପରେ ରାସ୍ତା ସହ କଂକ୍ରିଟ ରୋଡ କରିବା ଓ ଜଳ ନିଷ୍କାସନ ର ମୁଖ୍ୟ ସ୍ଥାନରୁ ଅବରୋଧ କରିବା ଦ୍ୱାରା ବର୍ଷାପାଣି ଓ ଘର ପ୍ରତ୍ୟେକ ପାଇଁ ବାହାରକୁ ନ ଯାଇ କୁତ୍ରିମ ବନ୍ଧା ସୃଷ୍ଟି କରିଛି ଯ୍ଚ ଜିଛି ଜଣଙ୍କ ସଂପୂର୍ଣ୍ଣ ଛାତ ପାଣି ଢ଼ୁନ ରେ ନ ଛାଡି ସିଧାସଳଖ ରାସ୍ତା ଉପରେ ପରୁଥିବାରୁ ତଳୁଆ ଥିବା ଘର ଗୁଡିକ ଉପରେ ତାର ପ୍ରଭାବ ସୃଷ୍ଟି ହେଉଛି ଯ୍ଚ ଘରେ ଜେତେକ ଘର ଭୁଶୁଡି ଯିବା ସହ ଅନ୍ୟ ଘର ଗୁଡିକ ବହୁ ଭାବରେ କ୍ଷତି ହେବାର ଆଶଙ୍କା ସୃଷ୍ଟି ହେଉଛି ଯ୍ଚ ଏ ସଂପର୍କରେ ସ୍ଥାନୀୟ ପୌରାଞ୍ଚଳ ରେ ଅଭିଯୋଗ କରେ ମଧ୍ୟ ଏ ଯାବତ କୌଣସି କାର୍ଯ୍ୟକାରୀ ହୋଇନାହିଁ ଯ୍ଚ ପାଣି ନିଷ୍କାସନ ନିମନ୍ତେ ମଧ୍ୟ କାର୍ଯ୍ୟକ୍ରମ ଏ ଯାବତ ହୋଇନାହିଁ ଯ୍ଚ ଘରଗୁଡିକ ଜରୁରି ରହିବେ, ଘରଗୁଡିକ ଭୁଶୁଡିବା ସହ ଜନ ଜୀବନ ପ୍ରତି ବି

ହୀରାକୁଦ ହିଣ୍ଡାଲକୋରେ ଅବସରପ୍ରାପ୍ତ ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧନା

ହୀରାକୁଦ, : ହୀରାକୁଦ ସ୍ଥିତ ହିଣ୍ଡାଲକୋ ପାୱାର ର ଅବସରପ୍ରାପ୍ତ ଶ୍ରମିକ ନେତା ତଥା କର୍ମଜର୍ଜାଙ୍କ ଅବସରଜାଳୀନ ସମ୍ବର୍ଦ୍ଧନା ସଭା ଇଣ୍ଡଲ ହୀରାକୁଦ ପାୱାର ୱାର୍କର୍ସ ୟୁନିୟନ ପକ୍ଷରୁ ୟୁନିୟନ ଅଫିସ ଠାରେ ଆୟୋଜିତ ହୋଇଯାଇଛି କ୍ଷ ଏହି ସଭାରେ ଆସନ୍ତା ୪ ତାରିଖରେ ହେବାକୁ ଥିବା ହିଣ୍ଡାଲକୋ ପାୱାର ର ଶ୍ରମିକ ସଂଗଠନ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ସହ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନ ସଭାପତି ମହମ୍ମଦ ମୁର୍ତ୍ତୁଜା ସଭାପତିତ୍ୱ କରିଥିଲେ। ପ୍ରଥମେ ଅବସର ପ୍ରାପ୍ତ ଶ୍ରମିକ ନେତା ଇଲେକ୍ଟ୍ରିକାଲ ବିଭାଗର ଦୁର୍ଯ୍ୟଧନ ମହାନ୍ତି, ଅପରେସନ ବିଭାଗ ର ବିଜୟ ପଣ୍ଡା, କଣ୍ଟ୍ରାକ୍ଟର କର୍ମଚାରୀ ଜମ୍ବରୁ ବଂଛୋର, ପ୍ରତାପ ମହାନ୍ତି ,ଅଶୋକ ମହାନ୍ତିଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା କ୍ଷ ଆଜି ର ଏହି ସମ୍ବର୍ଦ୍ଧନା ସଭାରେ ହିନ୍ଦ ମଜଦୁର ସଭା ର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଉପ ସାଧାରଣ ସମ୍ପାଦକ ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ତଥା ପାୱାର ୟୁନିୟନ ର ଉପଦେଷ୍ଟା ସଞ୍ଜିତ ମହାନ୍ତି, ଛାତ୍ର ନେତା ମିଳନ ହୋତା ଉପସ୍ଥିତ ଉପସ୍ଥିତ ରହି କର୍ମକର୍ତ୍ତା ଙ୍କୁ ସେବା ଓ ନିଷ୍ଠା ପାଇଁ ଶୁଭେଚ୍ଛା ତଥା ସମ୍ବର୍ଦ୍ଧନା ଜଣେଇଥିଲେ କ୍ଷ ଉପରୋକ୍ତ ବକ୍ତା ମାନେ ଆସନ୍ତା ଜୁଲାଇ ୪ ରେ ଥିବା ଶ୍ରମିକ ସଂଗଠନ ନିର୍ବାଚନର ରେ ଇଣ୍ଡଲ ହୀରାକୁଦ ପାୱାର ୱାର୍କର୍ସ ୟୁନିୟନ କୁ ଉଦିତ ସୁର୍ଯ୍ୟ ଚିହ୍ନରେ ବିପୁଳ

ସଂଖ୍ୟାରେ ମତଦାନ କରି ଜୟଯୁକ୍ତ କରେଇବା ସହ ଆଗାମୀ ଦିନରେ ଶ୍ରମିକ ମାନଙ୍କ ନ୍ୟାୟଚିତ ସ୍ୱାର୍ଥ ପାଇଁ ଲଢେଇରେ ସାମିଲ ହେବାପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରୋଶନ ସିଂ, ସାଧାରଣ ସମ୍ପାଦକ ଯୋଗୀନ୍ଦ୍ର ବେହେରା, ଯୁବନେତା ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ଟିକନ ଶର୍ମା, ତୁଷାର ନାଥ, ଜିକୁନ ପାତ୍ର, ବିଭୁତି ଭୂଷଣ ପାଣିଗ୍ରାହୀ, ମନୋଜ ବିଶ୍ୱାଳ, ହରେକୃଷ୍ଣ ସା, ପୂର୍ଣଚନ୍ଦ୍ର ବିଶୋଇ, ରାଜୀବ ଲୋଚନ ସାହୁ, ପି ଏମ ଦୋରା, ପ୍ରଫୁଲ୍ଲ କୁମାର ନାୟକ, ସଞ୍ଜୀବ ବାରିକ, ବିଭୁତି ଦାସ, ଆର୍ଯ୍ୟନ ବେହେରା, ହୃଦାନନ୍ଦ ପରିଜା, ହେମନ୍ତ ମକର, ଦୁଷ୍ମନ୍ତ ପରିଡା, ଗଙ୍ଗାଧର ମହାନନ୍ଦିଆ, ଚିରଞ୍ଜିତ ପରିଡା, ପ୍ରଣବ ସାହୁ, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ କୈଳାସ ଦାସ ପରିଚାଳନା କରିଥିବା ବେଳେ ତୁଷାର ନାଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

କୁଜୁତେଲି ସରପଞ୍ଚ ଶ୍ରୀଚନ୍ଦ୍ରଙ୍କ ମହାନତା

କ. ନୂଆଗାଁ, : ଖବର ପ୍ରସାରଣ ପରେ ନିଜର ମହାନତା ଦେଖାଇଲେ ସ୍ଥାନୀୟ ସରପଞ୍ଚ। ନିଜ ଖର୍ଚ୍ଚରେ ରାସ୍ତା ମରାମତି କରି ବର୍ତ୍ତମାନ ଚର୍ଚ୍ଚାରେ ସ୍ଥାନୀୟ ସରପଞ୍ଚ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ କୁଜୁତୁଲି ପଞ୍ଚାୟତ ଶ୍ରୀରାମ ପଲ୍ଲୀ ତଳ ସାହିରେ। ଅନେକ ଦିନ ହେବ ଏହି ସାହି କୁ ଯିବା ଆସିବା ନିମନ୍ତେ ଏକ ପକ୍କା ରାସ୍ତା ନିର୍ମାଣ ଦାବି ହୋଇଆସୁଥିଲା। ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ପଡ଼ିଥିଲା ଥିଲା। ମାଟି ରାସ୍ତା ରେ ଯିବା ଆସିବା ଜରିବା ନିମନ୍ତେ କଷ୍ଟ ପାଉଥିଲେ ଅଞ୍ଚଳବାସୀ। ଏହି ସମସ୍ୟା କୁ ନେଇ ବିଶ୍ୱବାଣୀ ଖବରକାଗଜ ରେ ଖବର ପ୍ରସାରଣ କରାଯାଇଥିଲା । ଖବର ପ୍ରସାରଣ ପରେ ସ୍ଥାନୀୟ ସରପଞ୍ଚ ଶ୍ରୀ ଚନ୍ଦ୍ର ମଲ୍ଲିକ ନିଜ ଅଞ୍ଚଳବାସୀ ଙ୍କ ଯାତାୟତ ଅସୁବିଧା ଦେଖି ନିଜସ୍ୱ ଖର୍ଚ୍ଚରେ ପୁଣି ନିଜ ପ୍ରଚେଷ୍ଟାରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ

କରିଥିବା ଦେଖିବାକୁ ମିଳିଛି। ଖବର ପ୍ରସାରଣର ଦୁଇ ଦିନ ଭିତରେ କାଦୁଅ ପଟ ପଟ ରାସ୍ତା ରେ ମାଟି ପକେଇ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି । ଯାହା ଫଳରେ ଅଞ୍ଚଳବାସୀ ଙ୍କ ଯାତାୟତର ସୁବିଧା ହୋଇଥିବା କହିଛନ୍ତି । ଅଞ୍ଚଳବାସୀ ଏହି ସୁବିଧା ପାଇ ସ୍ଥାନୀୟ ସରପଞ୍ଚ କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଛନ୍ତି।

ପରିଚାଳନା ନେଟୱର୍କକୁ ଉନ୍ନତ କରିବା ପାଇଁ ୨୦୦୦ କୋଟିର ନିବେଶ କରିବ ଆମାଜନ ଇଣ୍ଡିଆ

ଭୁବନେଶ୍ୱର: ଭାରତର ସବୁଠାରୁ ସୁରକ୍ଷିତ, ଦ୍ରୁତତମ ଓ ନିର୍ଭରଯୋଗ୍ୟ ପରିଚାଳନା ନେଟୱର୍କର ନିର୍ମାଣ ଓ କାର୍ଯ୍ୟକାରିତା ପ୍ରତି ନିଜର ପ୍ରତିବଦ୍ଧତାର ଅଂଶ ଭାବେ ଆମାଜନ ୨୦୨୫ରେ ୨୦୦୦ କୋଟି ଟଙ୍କା (୨୩୩ ମିଲିୟନ ଡଲାର) ନିବେଶ କରିବ। ଏହି ନିବେଶ ଅର୍ଥକ. ପରିଚାଳନା ଭିତିଭୂମିର ସଂପ୍ରସାରଣ ଓ ଅପ୍‌ଗ୍ରେଡ କରିବା, ସହଯୋଗୀଙ୍କ ସୁରକ୍ଷା ଓ ସୁସ୍ଥତା କାର୍ଯ୍ୟକ୍ରମକୁ ଉନ୍ନତ କରିବା ଏବଂ ଏହର ଫୁଲ୍‌ଫିଲମେଂଟ ନେଟୱର୍କ ପାଇଁ ନୂଆ ଟୁଲ ଓ ଟେକ୍ନୋଲୋଜି ବିକଶିତ କରିବା ପାଇଁ ବ୍ୟବହାର କରାଯିବ। ଏହା କମ୍ପାନୀକୁ ଭାରତର ସମସ୍ତ ସର୍ଭିସେବୁଲ ପିନକୋଡରେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏହି ନିବେଶ କମ୍ପାନୀର ପରିଚାଳନା ନେଟୱର୍କରେ ପ୍ରୋସେସିଂ କ୍ଷମତା ବଢାଇବ, ଫୁଲ୍‌ଫିଲମେଂଟ ବେଗକୁ ଉନ୍ନତ କରିବ ଓ ଦକ୍ଷତା ବୃଦ୍ଧି କରିବ ଯାହା ଆମାଜନକୁ ଭାରତର ଗ୍ରାହକଙ୍କୁ ଅଧିକ ଦ୍ରୁତ ଓ ନିର୍ଭରଯୋଗ୍ୟ ଭାବେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ।ଏସମ୍ପର୍କରେ ଆମାଜନ ଇଣ୍ଡିଆ ଓ ଅଷ୍ଟ୍ରେଲିଆର ଅପରେଶନ୍ସ ବିଭାଗର ଭିପି ଅଭିନବ ସିଂହ କହିଛନ୍ତି, “ଏହି ନୂତନ ନିବେଶ ଆମର ଫୁଲ୍‌ଫିଲମେଂଟ, ସର୍ଟେଶନ ଓ ଡେଲିଭରି ନେଟୱର୍କରେ ଆମର ପରିଚାଳନାଗୁଡିକୁ ନିରନ୍ତର ଭାବେ ବିସ୍ତାର ଓ ଅପ୍‌ଗ୍ରେଡ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଆମର ଭିତିଭୂମି କ୍ଷମତାଗୁଡିକୁ ମଜବୁତ କରି, ପ୍ରୋସେସିଂ କ୍ଷମତା ବୃଦ୍ଧି କରି ଓ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଯୋଗ କରି ଆମେ ଆମାଜନକୁ ଭାରତବ୍ୟାପୀ ଗ୍ରାହକଙ୍କୁ ସର୍ବୋତମ ସେବା ପ୍ରଦାନ କରିବା ପାଇଁ ସୁବ୍ୟବସ୍ଥିତ କରୁଛୁ ଏବଂ ଆମର କର୍ମଚାରୀ, ଆସୋସିଏଟ ଓ ପାର୍ଟନରଙ୍କୁ ସହଯୋଗ କରୁଛୁ ଯିଏ ଆମ ପରିଚାଳନାର କେନ୍ଦ୍ର ଅଟନ୍ତି।”

ଆମାଜନ ଏହାର ନିବେଶ ଏବଂ ପରିଚାଳନା ନେଟୱର୍କରେ କର୍ମଚାରୀ ଓ ସହଯୋଗୀଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ କଲ୍ୟାଣକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡିକର ବିସ୍ତାର ଜାରି ରଖିବ। ଏଥିରେ ଡେଲିଭରି ଆସୋସିଏଟଙ୍କ ପାଇଁ, ଏପରିକି ଆମାଜନ ପାଇଁ ଡେଲିଭରି କରୁନଥିବା ଡେଲିଭରି ଆସୋସିଏଟଙ୍କ ପାଇଁ ମଧ୍ୟ ଉତ୍ସର୍ଗୀକୃତ ବିଶ୍ରାମ କେନ୍ଦ୍ର ପ୍ରଦାନ କରିବା ପାଇଁ ‘ଆଶ୍ରୟ’ ଭଳି ପ୍ରୋଗ୍ରାମଗୁଡିକର ବିସ୍ତାର ସାମିଲ ରହିଛି ଯାହା ଆସୋସିଏଟଙ୍କୁ ବସିବା ସ୍ଥାନ, ପାନୀୟ ଜଳ, ଚାର୍ଜିଂ ଷ୍ଟେସନ ଓ ୱାଶରୁମ ସୁବିଧା ପ୍ରଦାନ କରୁଛି। ଆମାଜନ ଡେଲିଭରି ଆସୋସିଏଟ ଓ ପାର୍ଟନରଙ୍କୁ ଅସୁରକ୍ଷିତ ବେଗ ସମ୍ପର୍କରେ ସତର୍କ କରାଇବା ଏବଂ ବିଶ୍ରାମ ବିରତି ପାଇଁ ପ୍ରୋତ୍ସାହିତ କରିବା ଲାଗି ନୂତନ ଟେକ୍ନୋଲୋଜିଗୁଡିକର ବ୍ୟବହାର କରି ସଡକ ସୁରକ୍ଷା ବୃଦ୍ଧି କରିବା ଜାରି ରଖିଛି। ଆମାଜନ ରାସ୍ତାର ଜଟିଳତାକୁ ମାପୁଥିବା ଏବଂ ଡେଲିଭରି ରୁଟଗୁଡିକର ସମାନ ବିତରଣ ନିଶ୍ଚିତ କରିବା ପାଇଁ ଟୁଲଗୁଡିକରେ ନିବେଶ କରୁଛି, ଏଥିସହିତ ପ୍ରତ୍ୟେକ ଡେଲିଭରି ପାଇଁ ପର୍ଯ୍ୟାପ୍ତ ସମୟର ଅନୁମତି ଦେଉଛି। ଆମାଜନ ଡ୍ରାଇଭର ଅନବୋର୍ଡିଂ ପ୍ରୋସେସକୁ ଶୃଙ୍ଖଳିତ କରୁଛି ଏବଂ ଉତମ ଆୟ ସ୍ୱଚ୍ଛତା ଓ ଲାଭ ସୂଚା ପାଇଁ ଡ୍ରାଇଭର ଆପ୍‌କୁ ଉନ୍ନତ କରିଛି।

ସରକାରୀ ଅଧିକାରୀଙ୍କ ଉପରେ ଦୁର୍ବ୍ୟବହାର ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, : ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ଆଜି ବଲାଙ୍ଗିର ଓଡ଼ିଶା ପ୍ରଶାସନିକ ସେବା ଓ ଓଡ଼ିଶା ରାଜସ୍ୱ ସେବା ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି। ଜିଲ୍ଲା ସଂଘ ସଭାପତି ତଥା ଏଡିଏମ ପବିତ୍ର ବେହେରାଙ୍କ ଅଧକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ପ୍ରତିବାଦ ସଭା କରାଯାଇ କାର୍ଯ୍ୟରତ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି । ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ସଂଘ ଦାବି କରିବା ସହ ଜିଲ୍ଲାପାଳ ଗୌରଓ୍ୱ ଶାଶ୍ୱାଟ୍ଟା ଇସାଲଓ୍ୱାରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି

ସଭାରେ ବଲାଙ୍ଗୀର ଜିଲାର ସମସ୍ତ ଓଏଏସ ଓ ଓଆରଏସ ଯୋଗଦାନ କରିଥିଲେ। ସଭାରେ ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ସହ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗଦାନ କରିଥିଲେ।

ହିଞ୍ଜିଳି ବ୍ଲକରେ ପଞ୍ଚାୟତ ଅଗ୍ରଗତି ସୁଚକାଙ୍କ ତାଲିମ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ , : ଏଥର ଗାଁରେ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ମୋହନ ସରକାର ,ପ୍ରତି ପଞ୍ଚାୟତ ସ୍ତରରେ ମୂଲ୍ୟାଙ୍କନ ମଧ୍ୟ କରାଯିବା ଲକ୍ଷ ରଖିଛନ୍ତି ଡବଲ ଇଞ୍ଜିନି ସରକାର । ଏଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଆଜି ସମୟ ପୁର୍ବାହ୍ନ ୧୦ ଘଣ୍ଟ ସମୟରେ ହିଞ୍ଜିଳି ପଞ୍ଚାୟତ ସମିତି ସଭା କକ୍ଷରେ ’ ପଞ୍ଚାୟତ ଅଗ୍ରଗତି ସୁଚକାଙ୍କ ’ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ.ବି.ଡି.ଓ ଅରୁଣ କୁମାର ପ୍ରଧାନ , ନୋଡ଼ାଲ ଅଧିକାରୀ ଜି .ପି .ଡି.ଓ ମାନସ ରଞ୍ଜନ ପ୍ରଧାନ , ତାଲିମ ପ୍ରଦାନକାରୀ ଅଧିକାରୀ ସି .ପି. ଓ ଦଣ୍ଡପାଣି ଦାଶ

ମଞ୍ଚାସୀନ ରହି ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଏ.ବି.ଡି.ଓ ପ୍ରଧାନ ପଞ୍ଚାୟତର ଅଗ୍ରଗତି ଓ ଉନ୍ନତି ହେବ ଦିଗରେ ସୂଚନା ଦେଇ କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ସମସ୍ତ ପ୍ରକାର ବିଭାଗର ଉନ୍ନତି ନେଇ ସରକାରଙ୍କ କଣ ଲକ୍ଷ ରଖିଛନ୍ତି ଏବଂ ଉଦ୍ଦେଶ୍ୟ କଣ ରହିଛି ତାହା ଉପରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ , ପି.ଇ.ଓ ,ଏ .ଡି .ଓ , ଅଙ୍ଗନାୱାଡି କର୍ମୀ , ଆଶାକର୍ମୀ ଯୋଗାଣ ସହାୟକ , ଜି .ଆର୍ .ଏସ୍ ଓ ଆଇ. ସି .ଡି .ଏସ୍ ସୁପରଭାଇଜର ମାନଙ୍କୁ ତାଲିମ ପ୍ରଦାନକାରୀ ଅଧିକାରୀ ସି .ପି. ଓ ଦାଶ ତାଲିମ ପ୍ରଦାନ କରିଥିଲେ । ଆଗାମୀ ଦିନରେ ତୃଣମୂଳ ସ୍ତରରେ ଗୋଟିଏ ପଞ୍ଚାୟତ କାର୍ଯ୍ୟାଳୟ କିପରି ଉନ୍ନତି ଦିଗରେ କିପରି ପଦକ୍ଷେପ ଗାଁ ଲୋକଙ୍କ ନିମନ୍ତେ କାର୍ଯ୍ୟ କରୁଛନ୍ତି ତାହାର ତଦାରଖ ସହ ସମସ୍ତ ବିଭାଗର ବିକାଶ କାର୍ଯ୍ୟଶୈଳୀ ଉପରେ ମୂଲ୍ୟାଙ୍କନ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯିବା ଲାଗି ’ ପଞ୍ଚାୟତ ଅଗ୍ରଗତି ସୁଚକାଙ୍କ ’ ତାଲିମ କାର୍ଯ୍ୟକ୍ରମ ହିଞ୍ଜିଳି ବ୍ଲକରେ ଅନୁଷ୍ଠିତ ହୋଇଥିଲା ।

ଡେଙ୍ଗ ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ

ବଲାଙ୍ଗିର, : ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡେଙ୍ଗ ପରିସରରେ ‘ସ୍ମାର୍ଟ ଏନର୍ଜି, ସୁରକ୍ଷିତ ରାଷ୍ଟ୍ର‘ ଶୀର୍ଷକ ଉପରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୫ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସାଧନ କର୍ମୀ ଭାବରେ ଅତିରିକ୍ତ ମୁଖ୍ୟ ଯନ୍ତୀ ତଥା ବଲାଙ୍ଗୀର ଜିଲ୍ଲାର ମୁଖ୍ୟ ବିଦ୍ୟୁତ ନିରୀକ୍ଷକ ଅନିଲ୍ ବେହେରା ଏବଂ ସହକାରୀ ନିର୍ବାହୀ ଯନ୍ତୀ ତଥା ଅତିରିକ୍ତ ବିଦ୍ୟୁତ ନିରୀକ୍ଷକ ଦେବ ଚରଣ ମହାନନ୍ଦ ଯୋଗ ଦେଇ ବିଦ୍ୟୁତ ସୁରକ୍ଷା, ଜୀବନ ରକ୍ଷା ଉପରେ ଅଭିଭାଷଣ ପ୍ରଦାନ,ପ୍ରଦର୍ଶନୀ ତଥା ଶପଥପାଠ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଗଠିତ ଶକ୍ତି କ୍ଲବର ସଭ୍ୟ– ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଏବଂ ଗ୍ରାମବାସୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମଧ୍ୟରେ

କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସୁଦର୍ଶନ ଦାଶ, କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ନନ୍ଦ, ଦୀପକ ସେନ ଧରୁଆ, ସମୀର ସେଠି, ଅବିନାଶ ଭୋଇ, ହିମାଂଶୁ ଶେଖର ବିଶ୍ୱାଳ, ଶିବାନୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ ଓ ଶିକ୍ଷକ ମନରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଆସନ୍ତା ୮ ତାରିଖରୁ ଓଡ଼ିଶା ଡ୍ରାଇଭରଙ୍କ ସମୂହ ଷ୍ଟିଅରିଂ ଛାଡ

ସୋନପୁର, : ଡ୍ରାଇଭର ମହାସଂଘ ର ନିଷ୍ପତ୍ତି କ୍ରମେ ସରକାର ଙ୍କୁ ଦେଇଥିବା ୮ ଗୋଟି ଦାବି ମଧ୍ୟ ରୁ ମାତ୍ର ଗୋଟିଏ

ଦାବି ସରକାର ପୂରଣ କରି ଚୁପ୍ ବସିଥିବାରୁ ଆସନ୍ତା ୮/୭/୨୫ ତାରିଖ ରୁ ଷ୍ଟିଅରିଂଷ୍ଟିଅରିଂ ଛାଡ ଆନ୍ଦୋଳନ ନିଷ୍ପତ୍ତି ନେଇଥିବା ସୁବର୍ଣ୍ଣପୁର ଡ୍ରାଇଭର ସଂଘ୍ କର୍ମକର୍ତ୍ତା ଗଣ ମାଧ୍ୟମ ସମ୍ମୁଖ ରେ ପ୍ରତିକ୍ରିୟା ରଖିଛନ୍ତି। ଗତ ମାର୍ଚ୍ଚ ମାସ ରେ ୬ ଦିନ ବ୍ୟାପୀ ଲୋୟର ପିଏମଜି ରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ମଧ୍ୟ ସରକାର ଅଣଦେଖା କରିଥିବାରୁ ବାଧ ହୋଇ ସମୂହ ଆନ୍ଦୋଳନ କରିବାକୁ ସ୍ଥିର କରିଛନ୍ତି ଓଡ଼ିଶା ଡ୍ରାଇଭର ମହାସଂଘ। ଉକ୍ତ ଆନ୍ଦୋଳନ ପାଇଁ ଏକ ଅନୁରୋଧ ପତ୍ରସୁବର୍ଣ୍ଣପୁର ଜିଲ୍ଲା ଟ୍ରକ୍ ସଂଘ, ଘରୋଇ ବସ୍ ମାଲିକ ସଂଘ,ଅଟୋ ସଂଘ, ଟ୍ୟାକ୍ସି ସଂଘ, ବଣିକ ସଙ୍ଘ ସହ ଅନ୍ୟ କେତେକ ସଂଘଙ୍କୁ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ୬୦ ବର୍ଷ ବୟସ ପରେ ଭତ୍ତା ପ୍ରଦାନ, ପାର୍କିଂ ସୁବିଧା, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ପାଳନ, ଗାଡ଼ିର କାଗଜ ପତ୍ର ଯାଞ୍ଚ ଦାୟିତ୍ୱ ପରିବହନ ଅଧିକାରୀଙ୍କୁ ପ୍ରଦାନ, ଓଡ଼ିଶା ଖଣି ଖଦାନ ରେ ଓଡ଼ିଆ ଡ୍ରାଇଭର ନିଯୁକ୍ତି, ଅଟୋ ଚାଳକ ଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏଣ୍ଡ ଓ୍ୱେଫେୟାର ବୋର୍ଡ ରେ ସାମିଲ ପ୍ରମୁଖ ୭ ଦାବି ଶୀଘ୍ର ସରକାର ମାନି ନେବାପାଇଁ ଚେତାବନୀ ଦେଇଛନ୍ତି ଓଡ଼ିଶା ଡ୍ରାଇଭର ସଂଘ।

ସମୂହ ଛୁଟିରେ ଗଲେ ସମ୍ବଲପୁର ଜିଲ୍ଲାର କାର୍ଯ୍ୟରତ ଓଏଏସ ଅଧିକାରୀ

ସମ୍ବଲପୁର, : ସମୂହ ଛୁଟିରେ ଗଲେ ସମ୍ବଲପୁର ଜିଲ୍ଲାର କାର୍ଯ୍ୟରତ ଓଏଏସ ଅଧିକାରୀ । ଆଜି ସନ୍ଧ୍ୟାଠାରୁ ସମୂହ ଛୁଟିରେ ଯାଇଥିବା ନେଇ ସୂଚନା ରହିଛି କ୍ଷ ସମ୍ବଲପୁର ଜିଲ୍ଲା ଓଏଏସ ସଂଘ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ବୈଠକ ପରେ ଏହି ନିଷ୍ପତ୍ତି ନେଇଥିବା ନେଇ ସୂଚନା ରହିଛି । ସୂଚନା ଅନୁସାରେ ଗତକାଲି ଭୁବନେଶ୍ୱରରେ ବିଏମସି ର ଅତିରିକ୍ତ କମିଶନରଙ୍କୁ କିଛି ଦୁର୍ବୃତ୍ତ ମାତ ମାରିଥିବା ଭିଡିଓ ଭାଇରାଲ ହୋଇଥିଲା । ତେବେ ସେହି ଘଟଣାର ଉପଯୁକ୍ତ ତଦନ୍ତ ଏବଂ ଅଭିଯୁକ୍ତ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ ନେଇ ଆଜି ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ଓଏଏସ ଅଧିକାରୀ ଉପସ୍ଥିତ ରହି ବୈଠକ କରିଥିଲେ। ତାହାସହ ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ଏହି ନିଷ୍ପତ୍ତି ନେଇଛନ୍ତି। ଏହାସହ ଓଆରଏସ ଓ ଅମଲା ସଂଘଙ୍କୁ

ମୋ ସହର

କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ
ଓଡିଶାରେ ଆୟୁଷ୍ମାନ ଯୋଜନା ଶ୍ମଶାନ ଯୋଜନାରେ ପରିଣତ ହୋଇଛି

କେନ୍ଦୁଝର, : କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟ କାରିଣୀ ବୈଠକ ବୁଧବାର ଦିନ କେନ୍ଦୁଝର ଦଳର ଭବନ ଠାରେ ଅନୁଷ୍ଠିତ ହୋଇଛି । ଦ୍ୱିତୀୟ ଥର ପାଇଁ ବିଜୁ ଜନତା ଦଳର ଜିଲ୍ଲା ସଭାପତି ହେବା ପରେ ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଥମ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡଃ ଅରୁଣ କୁମାର ସାହୁ ନିଜ ବକ୍ତବ୍ୟରେ କହିଥିଲେ ଯେ ପୁରୁଣା ରାଜ୍ୟରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୪ହଜାର କୋଟି ଟଙ୍କାର ଜଲେଟ ବ୍ୟବସ୍ଥା ହୋଇଥିଲା ମାତ୍ର ସମସ୍ତ ଦେଶରେ ଆୟୁଷ୍ମାନ ଯୋଜନାରେ ମାତ୍ର ୬ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯିବା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ସାଙ୍ଗରେ ଡବଲ ଇଞ୍ଜିନ ସରକାର ଖେଳ ଖେଳିଛି ବୋଲି ସେ କହିଥିଲେ। ନିଜ ବକ୍ତବ୍ୟରେ ଡଃ ସାହୁ କହିଥିଲେ ଯେ ଯେତେ ଦିନ ପର୍ଯ୍ୟନ୍ତ ନେତା କର୍ମୀ ହେବା ଠାରୁ ଦୂରେଇ ଯିବେ ସେ ଦିନ ନେତା ର ନେତୃତ୍ୱ ଶେଷ ହୋଇଯିବ। ରାଜ୍ୟ ସରକାରଙ୍କୁ ଟାରୁ ସମାଲୋଚନା କରି ସେ କହିଥିଲେ ଯେ ଏ ସରକାର ଦାଦନ ଜଗେଇବେ କହିଥିଲେ ମାତ୍ର ଗୋଟିଏ ବର୍ଷ ରେ ୧୫୦ ଜଣଙ୍କ ଦାଦନ ଶବ ଫେରିଛି ଅନେକ ଙ୍କ ଖୋଜ ଖବର ନାହିଁ । ସରକାରଙ୍କ ବିଫଳତାକୁ ନେଇ ଏଥର ବିଧାନସଭା ରେ ଛୋରଦାର ଇଡେଇ ହେବ ବୋଲି ସେ କହିବା ସହିତ ଥାନା ଏବେ ବିଜେପି ଅଫିସ ହୋଇଛି । ଏହାକୁ ପ୍ରତିହତ କରିବାକୁ ହେବେ ଲୋକ ଚଳ କୁ ରାଜା କଳ ସମକକ୍ଷ ହେବନି ବୋଲି ଅରୁଣ ସାହୁ କହିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ଥିବା ସମୟରେ ୨ଲକ୍ଷ ୯୦ହଜାର କୋଟି ବଜେଟ ହାର୍ଦ୍ଧ ଥିବୁ ବିଜୁ ଏବେ ଶତକତା ୧୯ପ୍ରତିଶତ କେନ୍ଦ୍ରୀୟ ଅନୁଦାନ କମ ଥାସିଛି ।ଆଜି ଓଡ଼ିଆ ଅସ୍ମିତା କୁଆଡେ ଗଲା ବୋଲି ବିଧାୟକ ଡଃ ସାହୁ ପ୍ରଶ୍ନ କରିଥିବା ବେଳେ ଓଡିଶାରୁ ନିର୍ବାଚିତ ହୋଇଥିବା ୨୦ଜଣ ଏମପି ଚୁପ ହୋଇ ବସିଛନ୍ତି ବୋଲି ସେ କହିବା ସହ ରାଜ୍ୟରେ ପ୍ରତିଦିନ ଦୁଷ୍କର୍ମ ହେଉଛି । ସରକାରଙ୍କୁ ଆହ୍ୱାନ ଦେଇ ଓଏସି ମାନଙ୍କୁ ଚାକିରୀ ଆଧିକାର ଦିଅ ବୋଲି ସେ କହିବା ସହିତ କର୍ମୀମାନଙ୍କୁ ଆହ୍ୱାନ ଦେଇ ସରକ ମନ ସହ ସତ୍ୟ କୁ ସାଙ୍ଗରେ ରଖିବୁ କିନ୍ତୁ ଏ ସରକାର ଗୁଞ୍ଜା ଗଉଡୀ ରେ ବିଶ୍ୱାସ କରନ୍ତି। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଥିବେ ଯେ ପ୍ରଧାନମନ୍ତ୍ରୀ ମୋଦି ସାରା ଦେଶ କୁ ବୁଆଁ ବୁଲେଇବାରେ ମାଷ୍ଟର। ରାଜ୍ୟରେ ପ୍ରଭୁଙ୍କୁ ନେଇ ରାଜନୀତି, ରଙ୍ଗ କୁ ନେଇ ରାଜନୀତି କରୁଛନ୍ତି ।ଧରଣୀଧର ମାଟି ରୁ ବିଫୁଚର ପ୍ୱର ଅଉ ଥରେ ଅରଣ ହେଉ ବୋଲି କହିବା ସହିତ କର୍ମୀ ମାନଙ୍କ ମନୋବଳ ବଢାଇବାକୁ ହେବ ବୋଲି ସେ କହିଥିଲେ ।ଗୋଟିଏ ବର୍ଷ ଓଡିଶା ରାଜନୀତି ର ବଡୁଆରୁ ବିଫଳ ର ବର୍ଷ,ବଦଳି ରେ ବଦଳେ ଲାଞ୍ଚ କାଉବାର ହେବା କଥା କାହାକୁ ଅଛପା ନୁହେଁ ବୋଲି ସେ କହିଥିଲେ। ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ନିଜ ବକ୍ତବ୍ୟରେ ଅତୀତରେ ଦଳର ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହିତ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବାକୁ ହେବ ବୋଲି ସେ କହିବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଏହି ସରକାର ବିଭିନ୍ନ କ୍ଷେତ୍ରେ ବିଫଳ ହୋଇଥିବା ପ୍ରକାଶ କରିଥିଲେ ।ଏହି ବୈଠକରେ ଆଳନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି, ପାଟଣାଗଡ ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ସଂସଦ ମାଧବ ସର୍ଦ୍ଦାର, ସଦର ନିର୍ଦ୍ଦେଶନମଣ୍ଡଳୀର ପ୍ରଧାନ ମାନ୍ୟ ମାନ୍ୟ, ଜିଲ୍ଲାପରିଷଦ ଅଧକ୍ଷା ସାଗରୀକା ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରମଣୀ ନାୟକ, ଯୁବ ସଭାପତି ରାକେଶ ରାମ, ଆଳନ୍ଦପୁର ପୌରପାଳିକାର ଅଧକ୍ଷା ରଜନୀଗନ୍ଧା ଜୁଆଁ, ଜୟୁଆ ଏନ-ଏସିର ଅଧକ୍ଷା ଗିରିଜା ଶଙ୍କର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ଉପାଧକ୍ଷା ବରଦା ପ୍ରସନ୍ନ ଦାସ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା କମଳିନୀ ପାତ୍ର,ସତ୍ୟବ୍ରତ ନାୟକ,କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ,ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଅମରେନ୍ଦ୍ର ଧନ, କାଉଜପିଲର ଶତ କୁମାର ସାହୁ, ଜେଡି ଜାଜନି ବୁମୁରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।ଶେଷରେ ଜିଲ୍ଲା ପରିଷଦ ଉପାଧକ୍ଷା ସୋମନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଜିଲ୍ଲାର ବିଭିନ୍ନ ବ୍ଲକ ସଂଗଠନ ବନ୍ଧୁ ସଂଗଠନରେ କର୍ମୀ ଯୋଗ ଦେଇଥିଲେ।

ଓମେନ୍ସ ସଂଗଠନ ତରଫରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ଯୋଗାଣ

ପୁରି : ପବିତ୍ର ରଥଯାତ୍ରା ଉପଲକ୍ଷେ ପୁରୀ ଠାରେ ଓମେନ୍ସ ସଂଗଠନ ତରଫରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ଯୋଗାଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଗଠନ ର ସଭାନେତ୍ରୀ ସରୋଜିନୀ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରଭାତନତୀନି ସାହୁ ଓ ଅନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ବଡ଼ଦାଣ୍ଡ ଦୁଇଷ୍ଟାଲ୍ଲା ଧର୍ମଶାଳା ଠାରେ ୨୦୦୦ ଗୋଟି ପାଣି ବଟଲ ଓ ୩୦୦୦ ଗୋଟି ବିସ୍କୁଟ ପ୍ରଦାନ କରାଯାଇଥିଲା । ରଥଯାତ୍ରା ସମୟରେ ବହୁ ସଂଖ୍ୟକ ଯାତ୍ରୀ ସରାଙ୍ଗମ ହୋଇ ସଙ୍କିର୍ତ୍ତନ ହୁଳହୁଳି ରେ ବିମୋହିତ ହୋଇଯାଇଥିବେ ବୋଲି ସଭାନେତ୍ରୀ ପରିପ୍ରକାଶ କରନ୍ତି । ଓ ମେନ୍ସ ସଂଗଠନ ସାମାଜିକ କାର୍ଯ୍ୟକ୍ରମ ପାଇଁ ବହୁବାର ସମ୍ମାନିତ ହୋଇଛି । ଏଣୁ ଏହିଭଳି କାର୍ଯ୍ୟ ପାଇଁ କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

ଗୋବିନ୍ଦପୁର ଉ.ପ୍ରା. ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୫ ପାଳିତ

କେନ୍ଦୁଝର, ୩।୬-(ଅନୁଧ୍ୟାନ,ସୁଚରିତ କୁମାର ସେଠୀ) କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଗୋବିନ୍ଦପୁର ଠାରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ -୨୦୨୫ ଜୁନ ୨୩ରୁ ୨୯ ତାରିଖ ମଧ୍ୟରେ ପାଳନ ହୋଇ ଯାଇଛି ।ସର୍ତ୍ତେ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଶକ୍ତି ବିଭାଗ, ଓଡିଶା ସରକାରଙ୍କ ସହଯୋଗ, ପରିଦେଶ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟ ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ବିଦ୍ୟୁତ ନିରୀକ୍ଷକ, କେନ୍ଦୁଝରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ମାନ ପରିଚାଳିତ ହୋଇଥିଲା ।ଗତ ଜୁନ ୨୬ ତାରିଖରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଦ୍ୟୁତ ସଚେତନତା ନିମନ୍ତେ ଆଲୋଚନା ଚକ୍ର ଓ ଶପଥ ପାଠ ହୋଇଥିବା ବେଳେ ଜୁଲାଇ ୧ ତାରିଖ ଦିନ ଏକ ବିଜ୍ଞାନ ରାଲି ଗ୍ରାମ ପରିକ୍ରମଣ କରିଥିଲା। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ,ଅଭିଭାବକ, ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ଜୁଲାଇ ୨ ତାରିଖ ଦିନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ,ମୁଁ ବି ପାରିବି ତଥା ତର୍ଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ସ୍ତରୀୟ ତର୍ଜ ପ୍ରତିଯୋଗିତା 'ବିଜୁଳିର ସଠିକ ବ୍ୟବହାର, ଆମ ଜୀବନର ଆଧାର'ରେ ସରସ୍ୱତୀ ବିଦ୍ୟା ମନ୍ଦିର କେନ୍ଦୁଝରର ଛାତ୍ରୀ ଅନନ୍ୟା ଖେଙ୍କା ପ୍ରଥମ, ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ଛାତ୍ର ପ୍ରମୋଦ କୁମାର ନାଏକ ଦ୍ୱିତୀୟ ଓ ସରକାରୀ କାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ଛାତ୍ରୀ ଜ୍ୟୋତି କର୍ମକାର ତୃତୀୟ ସ୍ଥାନ ଅଧକାର କରିଥିଲେ। ଜୁଲାଇ ୨ ତାରିଖ ଦିନ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷୟିତ୍ରୀ ତିଲୋତମା ସାହୁଙ୍କ ଅଧକ୍ଷତାରେ 'ସ୍ମାର୍ଟ ଏଜଡି, ସୁରକ୍ଷିତ ରାଷ୍ଟ୍ର ' ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଅଗ୍ନିଶାଦକ, ଅଗ୍ନିଶାଦିକା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ ପଦ୍ମଜା ଗିରି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ବିଦ୍ୟୁତ ନିରୀକ୍ଷକ, କେନ୍ଦୁଝର ଯୋଗ ଦେଇ ବିଦ୍ୟୁତ ସୁରକ୍ଷା, ସଞ୍ଚୟ, ସଦୁପଯୋଗ ଓ ବିଦ୍ୟୁତ ଶକ୍ତିର ବ୍ୟବହାରରେ ସାବଧାନତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ।ମୁଖ୍ୟତଲ୍ଲା ଭାବରେ ସହକାରୀ ଜାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ବିନାୟକ ବେହେରା ଏବଂ ସଞ୍ଚାଳିତ ଅତିଥି ରୂପେ ସହକାରୀ ଜାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ଦାସ୍ତିମାନ ଆଚାର୍ଯ୍ୟ ଯୋଗଦେଇ ସ୍ମାର୍ଟ ବୋର୍ଡ ବ୍ୟବହାର କରି ବିଦ୍ୟୁତ ଆଘାତ ଜନିତ ଦୁର୍ଘଟଣା, ବିଦ୍ୟୁତର ସଦ୍ ବ୍ୟବହାର ତଥା ସୁରକ୍ଷା ସମ୍ପର୍କରେ ବ୍ୟାଖ୍ୟା କରି ଭିଡିଓ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇଥିଲେ। ଏହା ବ୍ୟତୀତ ବିଜୁଳି ଓ ଘଡଘଡି ମାରିବା ସମୟରେ କିପରି ସାବଧାନତା ଅବଲମ୍ବନ କରିହେବ ସେ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଏଥିରେ ଅନେକେ ଅତିଥି ରୂପେ ସମାଗତଙ୍କୁ ଶ୍ରଦ୍ଧାଞ୍ଜଳି ସାହୁ ଶିକ୍ଷୟିତ୍ରୀ ଶୁରଶ୍ରୀ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଜନୈ ଜୁନ ଶିକ୍ଷକ ବିଜୟ କୁମାର ମିଶ୍ର ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ସଭାରେ ସମସ୍ତ ଅତିଥିବର୍ଗ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷା ସମ୍ବଳିତ ବାର୍ତ୍ତା ଥିବା ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା ।ପରିଶେଷରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଶେଷରେ ଶିକ୍ଷକ ଫଗୁ ଚରଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ରେ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟଦର୍ଶା ଗାଉଡ଼, ସ୍ୱର୍ଣ୍ଣଲତା ନାୟକ, ରଞ୍ଜିତା ରାଣୀ ମଲ୍ଲିକ, ଅହଲ୍ୟା ମହାନ୍ତ ସହଯୋଗ କରିଥିଲେ ।ସରା ସାଙ୍ଗ ହେବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ ଘରକୁ ଘର ବୁଲି ଏକ ସଚେତନତା ସର୍ଭେ କାର୍ଯ୍ୟ ଗୁଣାତ୍ମକ ଭାବରେ ଚାଲିଥିଲା । ବିଦ୍ୟୁତ ବିଭାଗ ଏବଂ ବିଦ୍ୟାଳୟର ଏହି ମିଳିତ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ।

ତେଲକୋଇ ଅଞ୍ଚଳରେ ହାତୀଙ୍କ ଉପଦ୍ରବ

ତେଲକୋଇ, ତେଲକୋଇ ଅଞ୍ଚଳରେ ହାତୀ ମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି ।ସନ୍ଧ୍ୟା ହେଲ ହେଲ ବଣୁଆ ହାତୀ ପଲ୍ଲ ଗ୍ରାମାଭିମୁଖ ହୋଇ ଘର ବାଡ଼ିରେ ଖାଦ୍ୟ ପାଇଁ ପଶି ଆସୁଛନ୍ତି । ଛା ମୁଣ୍ଡା,ତେଲକୋଇ, ଖୁଣ୍ଟଖ ପଡ଼ଖ, ଦୋବଲା ପା ନ, ଗୋନ ।ଦଣ୍ଡ, ଜଗମୋହନ ପୁର,ରାଇପୁଆଁ,କାଳିପା ହଡଖ, ପ ଜଖ ପ,ସିରିଗିଡା ବିମାଳା ଆଦି ଅଞ୍ଚଳରେ ହାତୀ ମାନ ଙ୍କ ଉପଦ୍ରବରେ ଲୋକମାନେ ଆତଙ୍କିତ ଅବସ୍ଥାରେ ଦିନ ବିତାଉଛନ୍ତି ।ଖରିପ ଚାଷ ପାଇଁ ପକାଯାଇଥିବା ଧାନ ଚଢିକୁ ହାତୀ ମାନେ ଖାଇ ଦେଉଛନ୍ତି ଓ ନଷ୍ଟ କରିଦେଉଛନ୍ତି ।ଚାଷ ଆବଶ୍ୟକୁ ହାତୀ ଉପଦ୍ରବ ଦେଖି ଚାଷୀ ମାନେ ଚରାଚର ବିଚାରେ ପଡିଯେଣି ।ଗତବାରି ଖୁଦ୍ଧା ପଡ । ଗ୍ରାମରେ ପଶି ଶ୍ରୀ ସୁବଳ ସାହୁ ଙ୍କ ଘର ଭାଙ୍ଗି ଧାନ ଚାଉଳ ହାତୀ ଖାଇ ଦେଉଥିବା ର ଦେଖିବାକୁ ମିଳିଛି । ବନ ବିରାଟ ପକ୍ଷରୁ ଓ ଗ୍ରାମବାସୀଙ୍କ ଦ୍ୱାରା ହାତୀ ମାନଙ୍କୁ ଘଉଡ଼ାଇଲେ ମଧ୍ୟ କୌଣସି ଫଳ ମିଳୁ ନାହିଁ ।ସରକାର ଏଥି ପ୍ରତି ଅଧିକ ସଜାଗ ରହି ଅଧିକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।ନହେଲେ ଆଗାମୀ ଖରିପ ଫସଲ ପାଇଁ ଚାଷୀ ଘୋର କ୍ଷତି ସହିବ ।ହାତୀ ଉଜା ଡୁ ଥିବା ଧନ,ଜୀବନ କୁ ଉପଯୁକ୍ତ କ୍ଷତି ପୂରଣ ଦେବାକୁ ସାଧାରଣରେ ଦାବି ହେଉଛି ।

ରୋଟାରୀ ବର୍ଷ ୨୦୨୫-୨୬ ପାଇଁ କେନ୍ଦୁଝର ରୋଟାରୀ କ୍ଲବ ର ନୂତନ ସଭାପତି ଓ ସମ୍ପାଦକ ଚୟନ

କେନ୍ଦୁଝର, (ଅନୁଧ୍ୟାନ,ସୁଚରିତ କୁମାର ସେଠୀ)ରୋଟାରୀ କ୍ଲବ କେନ୍ଦୁଝର ଶାଖା ପକ୍ଷରୁ କେନ୍ଦୁଝର ଟାଉନ ହଲ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି ସଭାପତି ରୋଟାରିଆନ୍ ହରିହର ମହାନ୍ତ ଓ ସଂପାଦକ ଶ୍ରୀମାନ ବିଜୟ କୁମାର କେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ସଭାନେତ୍ରୀ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ ଓ ସଂପାଦକ ଶ୍ରୀମାନ ବାପଜ ନାୟକ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ଓ ସମ୍ପାଦକ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ରୋଟାରୀ ବର୍ଷ ଏକ ଐତିହାସିକ ବର୍ଷ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଡି.ଜି.ଇ ରୋଟାରିଆନ୍ ଅନିଲ୍ କୁମାର ସାମଲ, ଆମନ୍ତ୍ରିତ ଅତିଥି ଭାବେ ଜୋନାଲ ଚେୟାର ରୋଟାରିଆନ୍ ସୁଦିପ୍ତ ମିଶ୍ର ଓ ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ଧନରାଜ ଯୋଗ ଦେଇଥିଲେ ।ଏହି ରାଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ ମଞ୍ଚ ପରିଚାଳନ ଗୁରୁ ଦାୟିତ୍ୱ ନେଇଥିବେ ଶ୍ରୀମତୀ ନତାସା ସାହୁ ଓ ପ୍ରିୟଦର୍ଶିନୀ ପଟ୍ଟନାୟକ। ନୂତନ ସଭାପତି ରୋଟାରିଆନ୍ ହରିହର ମହାନ୍ତ ଙ୍କ ନେତୃତ୍ୱରେ ଦୁଇଜଣ ସମାଜ ସେବୀ ଆଜି ବିଶ୍ୱିବଦ୍ଧ ଭାବେ ରୋଟାରୀ କ୍ଲବ କେନ୍ଦୁଝର ଶାଖା ସହିତ ଅନୁବନ୍ଧିତ ହୋଇଛନ୍ତି ସେମାନେ ହେଲେ ମାନସ ରଞ୍ଜନ ପଣ୍ଡା ଓ ଡ଼ାଃ ଉମେଶ୍ୱର ମହାନ୍ତ ।ଏହି ଅବସରରେ ରୋଟାରୀ କ୍ଲବ କେନ୍ଦୁଝର ଶାଖାର ୨୦୨୫-୨୬ ବର୍ଷ ପାଇଁ ସମାଜସେବା ପାଇଁ ଏକ ସମୟ ସାରଣୀ ପାଠ କରାଯାଇଛି ଏବଂ ଭିମ୍ ପ୍ରୋଜେକ୍ଟ ଭାବେ କେନ୍ଦୁଝର ବନଖଣ୍ଡ ଓ ରୋଟାରୀ କ୍ଲବ କେନ୍ଦୁଝର ର ମିଳିତ ସହଯୋଗରେ ଏକ ସୁନ୍ଦର ସ୍ମୃତିଚକ୍ର ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ ନୂତନ ସଂପାଦକ ରୋଟାରୀଆନ୍ ବିଜୟ କୁମାର ବେହେରା। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରୋଟାରୀ କ୍ଲବ ତାଙ୍କର ସ୍ମରଣିକା ରୋଟାରିଆନ୍ ସୁରେଶ ଚନ୍ଦ୍ର ଖଟୋଇ ଏବଂ ସହଯୋଗ କରିଥିଲେ ଇଂ ଦେବବ୍ରତ ସ୍ୱାଇଁ। ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରୋଟାରିଆନ୍ ନିରୁପମା ସ୍ୱାଇଁ।

ବି.ଏମ.ସି. ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓ.ଏ.ଏସ୍. ସଂଘ ତରଫରୁ ତୀବ୍ର ନିନ୍ଦା

ଭବାନୀପାଟଣା, : ମହାନଗର ନିଗମ (ବି. ଏମ. ସି.) କାର୍ଯ୍ୟାଳୟ ଠାରେ ସୋମବାର ଅନିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓ.ଏ.ଏସ୍. ସଂଘ ତୀବ୍ର ନିନ୍ଦା କରିଛି । ଜଣେ ଜର୍ଗତ୍ୟ ତତ ତରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ଆକ୍ରମଣ କରି ମାତ୍ର ମାରିବା ଘଟଣାକୁ ଜିଲ୍ଲା ଓ.ଏ.ଏସ୍. ସଂଘ ନିନ୍ଦା କରିବା ସହିତ ଖଣ୍ଡନ ଦୋଷୀଙ୍କ ବିରୁଦ୍ଧରେ ଦୃତ ଜାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଜିଲ୍ଲା ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ ଭବାନୀପାଟଣା ଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପ୍ରେରଣ କରାଯାଇଛି । ଆଜି ଜିଲ୍ଲା ଓ.ଏ.ଏସ୍. ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଚତୁର୍ଥ କୁମାର ଦରାଖଳ ଙ୍କ ନେତୃତ୍ୱରେ ଆଠ ଜଣ ସମିଳିତ ଅଧିକାରୀଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇରା ଦାଶ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବୟମାୟ ପାତ୍ର, ସଭାପତି ଉପସ୍ଥିତିରେ ଜିଲ୍ଲାପାଳ ଜଳହାଣ୍ଡିକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏଥର ଦୃତ ଜାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ଓ.ଏ.ଏସ୍. ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

2025

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Friday July 04 | ଭୁବନେଶ୍ୱର ଶୁକ୍ରବାର, ୦୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

ବଡ଼ଚଣା ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳ ଓ ଏସପିଙ୍କୁ ଦାବିପତ୍ର

ଭୁବନେଶ୍ୱର,୩।୭(ପି.ଏନ):
ବଡ଼ଚଣା ବିଶ୍ୱ ହିନ୍ଦୁ ବଜରଙ୍ଗ ଦଳ ପକ୍ଷରୁ ଯାଜପୁର ଜିଲ୍ଲାପାଳ ଓ ଯାଜପୁର ଏସ ପି ଙ୍କୁ ଏକ ଦାବି ପତ୍ର ଦର୍ପଣ ଉହସିଲଦାର, ଓ ବଡ଼ଚଣା ଥାନା ଅଧିକାରୀ ଙ୍କ ଜରିଆରେ ପ୍ରଦାନ କରାଯାଇଛି ଘଟଣାରୁ ପ୍ରକାଶ ବଡ଼ଚଣାର କିଣିନ୍ ଅଞ୍ଚଳରୁ ପ୍ରତି ଦିନ ଶହ ଶହ ଗୋମାତାଙ୍କୁ କାହାର ରାଜ୍ୟକୁ ଚାଲାଣ କରାଯାଉଛି, ବିଭି ନିଷିଦ୍ଧ ଗାଡ଼ି ଗୁଡ଼ିକରେ ଗୋମାତା ଙ୍କୁ ଚାଲାଣ କରାଯାଉଛି ! ଉକ୍ତ ଗାଡ଼ି ଗୁଡ଼ିକ ଧରାପଡ଼ି କେଶ ହେଲା ପରେ ମଧ୍ୟ ପୁନର୍ବାର ଏହି ଚାଲାଣ ଜାମରେ ଜାଗୁଛି, ତେଣୁ ତାଙ୍କପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ, ଆହୁରି ମଧ୍ୟ ଚଣ୍ଡିଖୋଲ ଛକରେ ବିଧର୍ମୀ ମାନେ ସରଜାର ଜାରା ଭତର ଦଖଲ କରି ଗୋ ମାଂସ ହେଟେଲ କରି ଖୁଲମ ଖୁଲା ବିକ୍ରି କରୁଛନ୍ତି। ଏବଂ ଚଣ୍ଡିଖୋଲ ଛକ ରେ ବିଛି ବାହାର ରାଜ୍ୟ ର ଲୋକମାନେ ହେଉ ଫେରି ବ୍ୟବସାୟ କରୁଛନ୍ତି,ସେମାନଙ୍କ ନିକଟ କୁ ପ୍ରତି ଦିନ ଗୋ ମାଂସ ପଚଞ୍ଚାଉଥିବା ଖବର ମଧ୍ୟ ଅଛି,ବଡ଼ଚଣା ର ବିଛି ପଞ୍ଚକରେ ଗୋ ହତ୍ୟା ହେଉଛି ଏହାପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ବିଛି ନିରାହ ସରକ ଆଦିବାସୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରରୋଭନ ଦେଖାଇ ହିନ୍ଦୁ ଧର୍ମ ରୁ ନେଇ ଅନ୍ୟ ଧର୍ମ ଗ୍ରହଣ କରାଉଛନ୍ତି। ଏଣୁ ଧର୍ମାନ୍ତରଣ ବନ୍ଦ ହେଉ, ଓ ଗୋବଂଶ ଜମି ଜବରଦଖଲ କାରି ପାଇୁ ଉଚ୍ଛେଦ ପାଇଁ ଆଜି ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ବଡ଼ଚଣା ପ୍ରଖଣ୍ଡ ସଭାପତି ହେମଶ କୁମାର ଜେନା ଙ୍କ ନେତୃତ୍ୱ ରେ ଏକ ଦାବି ପତ୍ର ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଛି । ଏଥିରେ ବଡ଼ଚଣା ସଂଘ ଚାଳକ ଅକ୍ଷୟ ଗୋଟ୍ଟିଗତ,ରବୀନ୍ଦ୍ର ମହାନ୍ତି, କୁଟିରଞ୍ଜନ ରାଉତ,ପ୍ରଦୀପ ସାହୁ, ପ୍ରୀତମ କୁମାର ନାୟକ,ଦୀପକ କୁମାର ସାମଲ,ଆରତ ସାହୁ,ପ୍ରଶାନ୍ତ ବେହେରା,ରଶ୍ମି ରଞ୍ଜନ ରାଉତ,ବିଶ୍ୱ ପ୍ରସାଦ ଜେନା,ହିମାଂଶୁ ନାୟକ, ପ୍ରୀୟ ଗୋବିନ୍ଦ ଦାସ,ସମିର ସ୍ୱାଇଁ,ଦିବାକର ସିଂ,ଦିଲ୍ଲୀପ କୁମାର ସାମଲ,ଦିବ୍ୟରଞ୍ଜନ ମହାଲା,ନିର୍ମଳ ସାମଲ,ଦେବାଶିଷ ମହାରଣା,ଦିବ୍ୟଜିତ ନାୟକ,ରାମଚନ୍ଦ୍ର ମହାନ୍ତି, ସୁଶାନ୍ତ ସ୍ୱାଇଁ,ଦିଗମ୍ବର ସାହୁ, ଅଶୋକ ସିଂ, ଅର୍ଜିନାଶ ପଣ୍ଡା, ପ୍ରମୁଖ ଯୋଗ ଦେଇଥିଲେ।

ଆଦିବାସୀ ମହିଳାଙ୍କୁ ବଳାତ୍କାର, ଦୁଇ ଅଭିଯୁକ୍ତକୁ ଗିରଫ କରିଛି ବୈରୀ ପୋଲିସ୍

ଭୁବନେଶ୍ୱର,୩।୭(ପି.ଏନ): ବୈରୀ ଥାନା ଅନ୍ତର୍ଗତ ସମିଆଁ ପଞ୍ଚାୟତ ର ଚ୍ୟାପୁର ଗ୍ରାମର ସମା ହେମବ୍ରମ୍ ଙ୍କ ସ୍ତ୍ରୀ ପିଣ୍ଟୁ ହେମବ୍ରମ୍ , ବୟସ ୨୮ ଛେଳି ଚାରାନ୍ତ ଥିବା ବେଳେ ଏକୁଟିଆ ଦେଖି ଜଙ୍ଗଲ ଭିତର କି ବୁଝଣା ଉଠାଇ ନେଇ ଦିନ ଦମାମ ଗଣ ଧର୍ଷଣ କରିଥିଲେ। ସଦ୍ୟ ସମୟରେ ଧର୍ଷିତା ମହିଳା ପିଣ୍ଟୁ ବୌଶଳ କର୍ମେ ସେମାନଙ୍କ ପଞ୍ଚରୁ ଖସି ଆସି ସ୍ୱାମୀ ସମା କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହିତ ବୈ ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରିଣୀ ଧର୍ଷିତା ଙ୍କ ଠାରୁ ସମସ୍ତ ଘଟଣା ଶୁଣିବା ପରେ ଥାନା ଅଧିକାରିଣୀ ଅଂଶୁମାଳା ଦାସ ୧୪୦/୨୫ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ତଲାଲୁଖାର ଜଙ୍ଗଲ ରେ ତଦାରଖ କରି ଦୁଇ ଅଭିଯୁକ୍ତ ସାନନ୍ଦ ଟିହୁ (୩୨) ପିତା ଫକୀର, ଘର ତାଲୁମଗା ଓ ଭଜମନ ଗୋଲ (୪୫) ପିତା ନିର୍ମଳ, ଘର ସମିଆଁ ପଞ୍ଚାୟତ ଚ୍ୟାପୁର ଦୁହିଁକୁ ଗିରଫ କରି ତଦନ୍ତ କରୁଛନ୍ତି। ପ୍ରକାଶ ଥାଉ କି ପାଡ଼ିତା ପିଣ୍ଟୁ ହେମ୍ବ୍ରମ ତାଲୁଖାର ଜଙ୍ଗଲ ରେ ଛେଳି ଚରାଉଥିବା ସମୟରେ ବୃଦ୍ଧ ଅଭିଯୁକ୍ତ ତାକୁ ଏକୁଟିଆ ଦେଖି ଜୋର ଜବରଦସ୍ତି ଜଙ୍ଗଲ ଭିତରକୁ ଟେକି ନେଇ ଜଣକ ପରେ ଜଣେ ଦିନ ଦମାମ ବାଲାତ୍କାର ଧର୍ଷଣ କରିଥିବା ପାଡ଼ିତା ମହିଳାଙ୍କ ବୟାନ ପୋଲିସ ରେକର୍ଡ କରିଛି।

ଭାଙ୍ଗିଲା କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପର କପର୍ ଡ୍ୟାମ୍, ଲୋକଙ୍କୁ ସତର୍କ କରାଇଲା ପ୍ରଶାସନ

ଚମ୍ପୁଆ : କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାସୁଦେବପୁର ଜଞ୍ଜରା ଠାରେ ବୈତରଣୀ ନଦୀ ଉପରେ ନିର୍ମାଣାଧୀନ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ନର୍ମାଣ କାର୍ଯ୍ୟ ଚାଲୁ ରଖିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଜୁନାଇ ଶେଷ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ କପର୍ ଡ୍ୟାମ୍ (ମାଟିରେ ନିର୍ମିତ ଅସ୍ଥାୟୀ ବନ୍ଧ) ଜରାଯାଇ ବନ୍ୟାଜଳକୁ ଅଟକାଇ ଦୁଇଟି ଡିସ୍ଚିର୍ଜ ସ୍ଲୁଇସ୍ ଗେଟ୍ ଏବଂ ୫ଟି ରେଡିୟଲ୍ ଗେଟ୍ ନିର୍ମାଣ କାର୍ଯ୍ୟ ଚାଲିଥିଲା । ମାତ୍ର ବିଛି ଦିନର ଲଗାଣ ବର୍ଷା ଯୋଗୁଁ କପର୍ ଡ୍ୟାମ୍ ରାଙ୍ଗିଯାଇଥିବା ର ଦୃଶ୍ୟ ସାମ୍ନାକୁ ଆସିଛି। ବର୍ଷା ଯେଷଗୁ ପ୍ରକଳ୍ପ ଅଞ୍ଚଳ ସମ୍ପୂର୍ଣ୍ଣ ଜଳ ମଗ୍ନ ହେଇପାରିଛି । ଏବେ ପ୍ରତି ଘଣ୍ଟାରେ ଡ୍ୟାମ ଭିତରକୁ ୨୦୦ ଘନ ମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ, ମାତ୍ର ୩୫ ଘନ ମିଟର ବନ୍ୟାଜଳ ଛେଚାଇ ଦେଉ ନିଷ୍କାସିତ ହେଉଛି । ଏଣୁ ଉପର ଡ୍ୟାମର ଛେଚେକ ସ୍ଥାନରେ ଫାଟ ସୃଷ୍ଟି ହେଇଥିଲା,ଜଗତାର କିଛିଦିନ ହେବ ପ୍ରବଳ ବର୍ଷାରେ କପର ଡ୍ୟାମ (ମାଟି ବନ୍ଧ) ଭାଙ୍ଗିଥିବା ବେଳେ ଏବେ ଡ୍ୟାମ ପାଣି ସ୍ଲୁଇସ ଗେଟ ଉପରେ ପ୍ରବାହିତ ହେଉଛି । ଏଭଳି ପରିସ୍ଥିତିରେ ବୈତରଣୀର ତଳମୁଣ୍ଡରେ ବନ୍ୟା ଆଶଙ୍କା ଉପୁଜିଛି । ନଦୀର ତଳମୁଣ୍ଡରେ ଥିବା ପାଖାପାଖି ଗ୍ରାମ ବୁଡ଼ିଜଳ ଲୋକ ମାନଙ୍କୁ ପ୍ରଶାସନ ପକ୍ଷରୁ ସତର୍କ ଜରାଯାଇଛି । ମାଇକ୍ ମାଧ୍ୟମରେ ପ୍ରଚାର ବରାଯାଇ ଲୋକଙ୍କୁ ସତର୍କ କରିବା ଆରମ୍ଭ ହୋଇଛି । କୌଣସି ପ୍ରକାରର ଅଘଟଣକୁ ଦୃଷ୍ଟିରେ ରଖି ପ୍ରଶାସନକୁ ମଧ୍ୟ ଆଲର୍ଟ ରଖାଯାଇଥିବା ନେଇ ସୂଚନା ମିଳିଛି ।

ମାଗଣା ଶବବାହନ ସେବା ଶୁଭାରମ୍ଭ କଲେ ସାଂସଦ ଅନନ୍ତ ନାୟକ

କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ମାଗଣା ଶବବାହନ ସେବା କେନ୍ଦୁଝର ଲୋକସେବା ସାଂସଦ ଅନନ୍ତ ନାୟକଙ୍କ କରକମଳରେ ଶୁଭାରମ୍ଭ ହୋଇଛି । ସାଂସଦ ବୁଧବାର ସନ୍ଧ୍ୟାରେ ପତକା ହରାଇ ଦୁଇଟି ଶବବାହକ ଗାଡି(ମହାପ୍ରୟାଣ) ମାଗଣା ସେବା ରବ୍ ?ାଟନ କରିଥିଲେ । ମାଗଣା ଶବ ବାହନ ସେବା ଦ୍ୱାରା ଦୁର୍ବଳବର୍ଗକୁ ସହାୟକ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି ସେବା ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ଶବକୁ ଘରାଘର ସହିତ ତାଙ୍କ ଗୃହ କିୟା ଶ୍ମଶାନକୁ ପରିବହନ କରାଯାଇପାରିବ,ଯାହା ପରିବାରଗୁଡିକ ଉପରେ ଆର୍ଥିକ ଓ ମାନସିକ ବୋଝକୁ ହ୍ରାସ କରିପାରିବ । ଏହି ସେବା ସମ୍ପୂର୍ଣ୍ଣ ମାଗଣା ହେବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ୨ଟି ମାଗଣା ଶବବାହକ ଗାଡି ଯୋଗାଇ ଦିଆଯାଇଛି । ଏହି ମାଗଣା ସେବା ଶବବାହନ ପାଇଁ ଆତଙ୍କାଳତା ଅନୁପାତରେ ପଇଁତିଚ ବୋଲି ସିଡିଏମଓ ଜାଲ୍ତୁର ବିନୋଦ ବିହାରୀ ମିଶ୍ର କହିଛନ୍ତି । ଉଦ୍ ?ାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଜାଲ୍ତୁର ବିନୋଦ ବିହାରୀ ମିଶ୍ର,ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ମେଡିକାଲ) ଜାଲ୍ତୁର ପ୍ରତାପ କୁମାର ମିଶ୍ର,ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ଜନସ୍ୱାସ୍ଥ୍ୟ) ଜାଲ୍ତୁର ପୁରୁଷୋତ୍ତମ ମହାନ୍ତ,ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ରୋଗ ନିୟନ୍ତ୍ରଣ) ଜାଲ୍ତୁର ବସନ୍ତ କୁମାର ପାତ୍ର,ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟାରଞ୍ଜନ ଚଗାଡ ପ୍ରମୁଖ ଉପସ୍ଥିତ ଥିଲେ।

‘ସମାଜ’ପକ୍ଷରୁ ରକ୍ତଦାନ ଶିବିର

କେନ୍ଦୁଝର, : କେନ୍ଦୁଝର ଦୈନିକ ଖବରକାଗଜ ‘ସମାଜ’ର ପ୍ରତିଷ୍ଠାତା ପ୍ରଣ୍ୟାମ୍ବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବ ପରିପ୍ରେକ୍ଷୀରେ ଜୁନ ୨୬ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସେବା ଓ ସେବଦ ସପ୍ତାହ ପାଳନ ଜାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ କେନ୍ଦୁଝର ସମାଜ ପରିକାର ପକ୍ଷରୁ ବୁଧୁକାର ସ୍ଥାନୀୟ ରୋଟାରୀ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ଏଥିରୁ ମୋଟ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇ ମାନବସେବା ନିମନ୍ତେ ଜିଲା ରକ୍ତଭଣ୍ଡାରକୁ ପଠାଇ ଦିଆଯାଇଛି । ଶିବିରରୁ ପାଟଣା ବିଧାୟକ ଅଶ୍ୱିନ ଚରଣ ନାଏକ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏତତି, ସିଡିଚି ଫାରଷ୍ଟେସନ ଚେୟାରମ୍ୟାନ ରାଜେନ୍ଦ୍ର କୁମାର ପଲେଇ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର , ରାଜାଖୋଡା ଉତ୍ସବିତ ଭକ୍ତ ବତ୍ସଳ ମହାନ୍ତି, ଏ ଆର ଜାନ,ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ହରି ମହାନ୍ତ,ରୋଟାରିଆନ ରାଜଲକ୍ଷ୍ମୀ ସ୍ୱାଇଁ, ଇଂ ଦେବବ୍ରତ ସ୍ୱାଇଁ,ବିଜୟନାଥ ଜାପୁର, ପ୍ରଶାନ୍ତ କୁମାର ସ୍ୱାଇଁ, ତଦାରଖ ସମ୍ପାଦକ ଅକ୍ଷୟ କୁମାର ତନ୍ତୁ,ଜେ-ଏସଆର ବିଜ୍ଞାନ ଜେଲେଜର ନିର୍ଦେଶକ ଡିତେନ ଦ୍ୱିଜ୍ଞା ପାନୀ, ଚାଞ୍ଚିଜ ଅବିନାଶ ଦାଶ,ସାହିତ୍ୟିକ ଭରତ ଚନ୍ଦ୍ର ପାତ୍ର, ଭୂମିକା ଚକ୍ଷୁ ଚିକିତ୍ସାଳୟର ଡୋନାଲ ମ୍ୟାନେଜର କର୍ଣାଟ କିଶୋର ଜେନା, ସମାଜସେବୀ ମାନସ ରଞ୍ଜନ ପଣ୍ଡା, ଲମ୍ବୋଧର ମହାନ୍ତ, ଦେବଶିଷ ଦାଶ, ପଦ୍ମା ରଞ୍ଜନ ସାହୁ,ଶୁଭେନ୍ଦୁ ପଟ୍ଟନାୟକ , ସାମ୍ବାଦିକ ପ୍ରତାପ ମହାନ୍ତି, ସଂଗ୍ରମ ଜେଶରା ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବକ୍ତି ଉପସ୍ଥିତ ରହି ଏଭଳି ମହତ୍ କାର୍ଯ୍ୟରେ ସାମିଲ ହୋଇଥିଲେ । କେନ୍ଦୁଝର ସମାଜ ଜିଲା ପ୍ରତିନିଧି ବିଜୟ କୁମାର ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲା ଜାଲପ୍ରାପ୍ତ ରକ୍ତ କେନ୍ଦ୍ର ଧନରାଜ ଏତତି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପରେ ବିଜେପି ଜିଲା ସଭାପତି ଶୁଜତ୍ ମହାନ୍ତ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ,ଖୋଜାସିଜା ଉତ୍ତ ମାଧ୍ୟମିକ ବିଦ୍ୟାଳୟ ଚେୟାରମ୍ୟାନ ରାଜଶ୍ରୀ ଖାଟୋଇ ଓ ସଭାପତି ସୁରେଶ ଚନ୍ଦ୍ର ଖାଟୋଇ, ଜିଲା ରେଡକ୍ରସ୍ ୟୁନିଟ ସମ୍ପାଦକ ଏ ଆର ଜାନ,ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ହରି ମହାନ୍ତ,ରୋଟାରିଆନ ରାଜଲକ୍ଷ୍ମୀ ସ୍ୱାଇଁ, ଇଂ ଦେବବ୍ରତ ସ୍ୱାଇଁ,ବିଜୟନାଥ ଜାପୁର, ପ୍ରଶାନ୍ତ କୁମାର ସ୍ୱାଇଁ, ତଦାରଖ ସମ୍ପାଦକ ଅକ୍ଷୟ କୁମାର ତନ୍ତୁ,ଜେ-ଏସଆର ବିଜ୍ଞାନ ଜେଲେଜର ନିର୍ଦେଶକ ଡିତେନ ଦ୍ୱିଜ୍ଞା ପାନୀ, ଚାଞ୍ଚିଜ ଅବିନାଶ ଦାଶ,ସାହିତ୍ୟିକ ଭରତ ଚନ୍ଦ୍ର ପାତ୍ର, ଭୂମିକା ଚକ୍ଷୁ ଚିକିତ୍ସାଳୟର ଡୋନାଲ ମ୍ୟାନେଜର କର୍ଣାଟ କିଶୋର ଜେନା, ସମାଜସେବୀ ମାନସ ରଞ୍ଜନ ପଣ୍ଡା, ଲମ୍ବୋଧର ମହାନ୍ତ, ଦେବଶିଷ ଦାଶ, ପଦ୍ମା ରଞ୍ଜନ ସାହୁ,ଶୁଭେନ୍ଦୁ ପଟ୍ଟନାୟକ , ସାମ୍ବାଦିକ ପ୍ରତାପ ମହାନ୍ତି, ସଂଗ୍ରମ ଜେଶରା ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବକ୍ତି ଉପସ୍ଥିତ ରହି ଏଭଳି ମହତ୍ କାର୍ଯ୍ୟରେ ସାମିଲ ହୋଇଥିଲେ । କେନ୍ଦୁଝର ସମାଜ ଜିଲା ପ୍ରତିନିଧି ବିଜୟ କୁମାର ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲା ଜାଲପ୍ରାପ୍ତ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ରମାକାନ୍ତ ମୁଣ୍ଡା, ଜନସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସାହୁ, କର୍ମଚାରୀ କବିତା ସେଠୀ,ସୌଗୀ ଶଙ୍କର ମଲ୍ଲିକ ,ବାଗିରଥି ମହାକୁଡ଼ ଓ ଶଙ୍କର୍ଷଣ ନାଏକ ପ୍ରମୁଖ ରକ୍ତ ବର୍ଗୀକରଣ ଓ ସଂଗ୍ରହରେ ସହାୟତା କରିଥିଲେ। ଏହି ଶିବିରରୁ ସମାଜସେବୀ ସମାଜସେବୀ ବିଦ୍ୟାଧର ମହାନ୍ତ, ରାଜୀବ କୁମାର ସାହୁ, ଶିକ୍ଷକ ଶାନ୍ତନୁ ମହାପାତ୍ର, ସିଡିଚି କଲେଜର ଛାତ୍ରଛାତ୍ରୀ, ପାଟଣା ସମାଜ ପ୍ରତିନିଧି ଚୁଙ୍ଗିଭଜଣ ସିଂହ, ହରିଚନ୍ଦନପୁର ପ୍ରତିନିଧି ଜହ୍ନେଇ ମହାନ୍ତ,ସାମ୍ବାଦିକ ପଦ୍ମିନୀ ବେହେରା, ସତ୍ୟଜିତ ସାମନ୍ତରାୟ ,ବ୍ରଜ କିଶୋର ରାୟ, ରଶ୍ମିରଞ୍ଜନ ବେହେରା,ରାଜୀବ ଲୋଚନ ଜରିଜ, ସମାଜସେବୀ ରୂପଶ୍ରୀ ଶିବ ଶଙ୍କର ମହାନ୍ତ,ବେଗାଚାନ୍ଦ ଜାରିକ ଓ ଜାରିଣୀ ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଜିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

ବନବିଭାଗ ପକ୍ଷରୁ ବନମହସବ ପାଳିତ, ଦ୍ୱିତୀୟ ଦିନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ

ଭୁବନେଶ୍ୱର,(ପି.ଏନ): ସାରା ଭାରତ ରେ ଜୁଲାଇ ମାସ ୧ରୁ ସାତ ଦିନ ବ୍ୟାପୀ ୭୬ତମ ବନ ମହୋତ୍ସବ ଚାଲିଥିବା ବେଳେ ଆଜି ଓଡିଶା ସରକାର ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ତ କେଗାଁ ବନାଞ୍ଚଲ୍ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ଗର୍ଟିଆଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ୨୦୨୫ ପାଳନ ସାଙ୍ଗକୁ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନପାଳ ରମେଶ ବାଗ , ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବୃଷଭ ନାଏକ,ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ପଟ୍ଟନାୟକ, ମନୋରଞ୍ଜନ ମେହେର ସମେତ ବ୍ଲକ ଓ ଫରେଷ୍ଟ କର୍ମଚାରୀ ଉପସ୍ଥିତ ଥିଲେ।ଏହାର ମୂଳ ଉଦ୍ଦେଶ୍ୟ ହେଉଛି ସୁସ୍ଥ ଓ ସ୍ୱଚ୍ଛ ପରିବେଶ , ଟାଙ୍ଗରା ଭୂଇଁରେ ବୃକ୍ଷରୋପଣ , ବୃକ୍ଷରୋପଣ ଦ୍ୱାରା ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ, ଏହା ନହେବା ଫଳରେ ଆଜି ସବୁଜ ଜଙ୍ଗଳ କାଟି କଂକ୍ରିଟ ଜଙ୍ଗଳ ରେ ମଣିଷ ସମାଜ ବାସ କରୁଛନ୍ତି ।ଯାହାଫଳରେ ବିବିଧ ସମସ୍ୟା ଆଡକୁ ମଣିଷ ଟାଣି ହେଉଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray